# ଭୁବନେଶ୍ୱର ମହାନଗର ନିଗମ

## ଷ୍ଟାଣ୍ଡିଂ କମିଟି ପାଇଁ ସଭ୍ୟ /ସଭ୍ୟା ନିର୍ବାଚନ ବୈଠକ ବିବରଣୀ

ତା.୦୮.୫.୨୦୧୪ରିଖ ✱ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✱ ସ୍ଥାନ: ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ:*

| | | |
|---|---|---|
| ୧. | ଅନନ୍ତ ନାରାୟଣ ଜେନା | ମେୟର |
| ୨. | କେ. ଶାନ୍ତୀ | ଡେପୁଟି ମେୟର |
| ୩. | ମମତା ରାଉତ | ୱାର୍ଡ ନଂ-୦୧ |
| ୪. | ହରିଶ୍ ଚନ୍ଦ୍ର ମୁର୍ମୁ | ୱାର୍ଡ ନଂ-୦୨ |
| ୫. | ଯୟନ୍ତି ଜେନା | ୱାର୍ଡ ନଂ-୦୩ |
| ୬. | ଗାୟତ୍ରୀ ଲେଙ୍କା | ୱାର୍ଡ ନଂ-୦୪ |
| ୭. | ନିର୍ମଳ ଚନ୍ଦ୍ର ରାଉତ | ୱାର୍ଡ ନଂ-୦୫ |
| ୮. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୯. | ସ୍ୱର୍ଣ୍ଣପ୍ରଭା ରାୟ | ୱାର୍ଡ ନଂ-୦୭ |
| ୧୦. | ମୋନାଲିସା ସାହୁ | ୱାର୍ଡ ନଂ-୦୮ |
| ୧୧. | ସୂର୍ଯ୍ୟକାନ୍ତି ଜେନା | ୱାର୍ଡ ନଂ-୦୯ |
| ୧୨. | ପ୍ରଶାନ୍ତି ନାୟକ | ୱାର୍ଡ ନଂ-୧୦ |
| ୧୩. | ରଶ୍ମିତା ମହାନ୍ତି | ୱାର୍ଡ ନଂ-୧୧ |
| ୧୪. | ସଞ୍ଜୟ କୁମାର ସେଠୀ | ୱାର୍ଡ ନଂ-୧୨ |
| ୧୫. | ସୌଭାଗ୍ୟ ବାରିକ | ୱାର୍ଡ ନଂ-୧୩ |
| ୧୬. | ଦେବୀ ପ୍ରସାଦ ମଲ୍ଲିକ | ୱାର୍ଡ ନଂ-୧୪ |
| ୧୭. | ସମୀର ପ୍ରଧାନ | ୱାର୍ଡ ନଂ-୧୫ |
| ୧୮. | ଭାରତୀ ହିଁ | ୱାର୍ଡ ନଂ-୧୬ |
| ୧୯. | ଲୀଳାବତୀ ଓଝା | ୱାର୍ଡ ନଂ-୧୭ |
| ୨୦. | ସୁକାନ୍ତି ସୁବୁଦ୍ଧି | ୱାର୍ଡ ନଂ-୧୮ |
| ୨୧. | ଜ୍ୟୋତ୍ସ୍ନାରାଣୀ ରାଉତରାୟ | ୱାର୍ଡ ନଂ-୧୯ |
| ୨୨. | ବାସନ୍ତି ହିଁ | ୱାର୍ଡ ନଂ-୨୦ |
| ୨୩. | ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୧ |
| ୨୪. | ହରେକୃଷ୍ଣ ନାୟକ | ୱାର୍ଡ ନଂ-୨୨ |
| ୨୫. | ଦିଲ୍ଲୀପ କୁମାର ମାଝୀ | ୱାର୍ଡ ନଂ-୨୩ |
| ୨୬. | ହରପ୍ରିୟା ସାହୁ | ୱାର୍ଡ ନଂ-୨୪ |
| ୨୭. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୮. | ଝୁନାବାଳା ଦେଇ | ୱାର୍ଡ ନଂ-୨୬ |
| ୨୯. | ପ୍ରତିମା ରାଉତରାୟ | ୱାର୍ଡ ନଂ-୨୭ |
| ୩୦. | ପୁଷ୍ପାଞ୍ଜଳି ଦାସ | ୱାର୍ଡ ନଂ-୨୮ |
| ୩୧. | ସେଖ ନିଜାମ ଉଦ୍ଦିନ | ୱାର୍ଡ ନଂ-୨୯ |
| ୩୨. | ଶାଶ୍ୱତୀ ମିଶ୍ର | ୱାର୍ଡ ନଂ-୩୦ |
| ୩୩. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୪. | ସୁଷମା ଜେନା | ୱାର୍ଡ ନଂ-୩୨ |
| ୩୫. | ସୁରେଶ ଚନ୍ଦ୍ର ଜେନା | ୱାର୍ଡ ନଂ-୩୩ |
| ୩୬. | ଭାନୁପ୍ରିୟା ଦାସ | ୱାର୍ଡ ନଂ-୩୪ |
| ୩୭. | ଦେବାଶିଷ ସିଟ | ୱାର୍ଡ ନଂ-୩୫ |
| ୩୮. | ନରେନ୍ କୁମାର ସାହୁ | ୱାର୍ଡ ନଂ-୩୬ |
| ୩୯. | ନବ କିଶୋର ବେହେରା | ୱାର୍ଡ ନଂ-୩୭ |
| ୪୦. | ନିଖିଳ କୁମାର ବକଡ଼ନ୍ତରାୟ | ୱାର୍ଡ ନଂ-୩୮ |
| ୪୧. | ପ୍ରତିଭା ସାମନ୍ତରାୟ | ୱାର୍ଡ ନଂ-୩୯ |
| ୪୨. | ରାମ ଚନ୍ଦ୍ର ପ୍ରଧାନ | ୱାର୍ଡ ନଂ-୪୦ |
| ୪୩. | ମମତା ସାହୁ | ୱାର୍ଡ ନଂ-୪୧ |
| ୪୪. | ପୁଷ୍ପାଞ୍ଜଳି ସେଠୀ | ୱାର୍ଡ ନଂ-୪୨ |
| ୪୫. | ରାଜଲକ୍ଷ୍ମୀ ନାଏକ | ୱାର୍ଡ ନଂ-୪୩ |
| ୪୬. | ରଚନା ପାଢୀସାହାଣୀ | ୱାର୍ଡ ନଂ-୪୪ |
| ୪୭. | ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୮. | ପ୍ରଣବ କିଶୋର ସ୍ୱାଇଁ | ୱାର୍ଡ ନଂ-୪୬ |
| ୪୯. | ନିହାର ରଞ୍ଜନ ସାହୁ | ୱାର୍ଡ ନଂ-୪୮ |
| ୫୦. | ଅଶ୍ୱିନୀ କୁମାର ସୁନ୍ଦରରାୟ | ୱାର୍ଡ ନଂ-୪୯ |
| ୫୧. | ସୁମିତ କୁମାର ସ୍ୱାଇଁ | ୱାର୍ଡ ନଂ-୫୦ |
| ୫୨. | ବିଜୟନୀ ଜେନା | ୱାର୍ଡ ନଂ-୫୧ |
| ୫୩. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୫୪. | ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୫. | ରଶ୍ମିତା ମହାପାତ୍ର | ୱାର୍ଡ ନଂ-୫୪ |
| ୫୬. | ସିପ୍ରା ନାୟକ | ୱାର୍ଡ ନଂ-୫୫ |
| ୫୭. | ରଞ୍ଜିତା ସାହୁ | ୱାର୍ଡ ନଂ-୫୬ |
| ୫୮. | ପୁଷ୍ପା ରାଉ | ୱାର୍ଡ ନଂ-୫୮ |
| ୫୯. | ବିରଞ୍ଚି ନାରାୟଣ ମହାସୁଆର | ୱାର୍ଡ ନଂ-୫୯ |
| ୬୦. | ଆଦିମାୟା ସମର୍ଥ | ୱାର୍ଡ ନଂ-୬୦ |
| ୬୧. | ଅନିତା ରାଣୀ ମହାନ୍ତି | ୱାର୍ଡ ନଂ-୬୧ |
| ୬୨. | ହୃଦୟ ବଲ୍ଲଭ ସାମନ୍ତରାୟ | ୱାର୍ଡ ନଂ-୬୨ |
| ୬୩. | ରଘୁନାଥ ମହାନ୍ତି | ୱାର୍ଡ ନଂ-୬୩ |
| ୬୪. | ମୁଜାହିଦ୍ ହୁସେନ | ୱାର୍ଡ ନଂ-୬୪ |
| ୬୫. | ଜ୍ୟୋତ୍ସ୍ନାମୟୀ ଜେନା | ୱାର୍ଡ ନଂ-୬୫ |
| ୬୬. | ରବି ଦାସ | ୱାର୍ଡ ନଂ-୬୬ |
| ୬୭. | ଦେବୀ ପ୍ରସାଦ ନନ୍ଦ | ୱାର୍ଡ ନଂ-୬୭ |

ଅଦ୍ୟ ତା ୦୮.୫.୨୦୧୫ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର"ରେ ଓଡିଶା ମହାନଗର ନିଗମ ଆଇନ୍-୨୦୦୩ର ଧାରା-୧୦ ତଥା ଓଡିଶା ମ୍ୟୁନିସିପାଲ କର୍ପୋରେସନ (ପ୍ରୋସିଜିଓର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜିନେସ୍) ରୁଲସ୍-୨୦୦୩ର ନିୟମ-୨୧(୩) ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମର ୧(ଏକ) ଗୋଟି ଷ୍ଟାଣ୍ଡିଂ କମିଟି ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମାନ୍ୟବର ମେୟର -ତଥା - ସଭାପତି ବୈଠକରେ ଉପସ୍ଥିତ ଡେପୁଟି ମେୟର, କର୍ପୋରେଟର, ମ୍ୟୁନିସିପାଲ କମିଶନର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ନିଗମର ପ୍ରଚଳିତ ପ୍ରଥା ଅନୁଯାୟୀ 'ବନ୍ଦେ ଉତ୍କଳ ଜନନୀ' ବନ୍ଦନା ଗାନ କରାଯାଇଥିଲା ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୧ (ଏକ) ଗୋଟି ଷ୍ଟାଣ୍ଡିଂ କମିଟି ନିମନ୍ତେ ସଭ୍ୟ /ସଭ୍ୟା ନିର୍ବାଚନ ପାଇଁ ସର୍ବମୋଟ ୭(ସାତ) ଗୋଟି ମନୋନୟନ ପତ୍ର ପ୍ରାପ୍ତି ହୋଇଥିଲା । ପ୍ରାପ୍ତ ହୋଇଥିବା ମନୋନୟନ ପତ୍ର ଗୁଡିକ ଯାଞ୍ଚ କରାଗଲା ପରେ ସମସ୍ତ ମନୋନୟନ ପତ୍ର ଠିକ୍ ଥିବାର ଦେଖାଗଲା । ବିଧି ମତେ ଆବଶ୍ୟକତା ଅନୁଯାୟୀ ଉକ୍ତ ଷ୍ଟାଣ୍ଡିଂ କମିଟି ପାଇଁ ନିର୍ଦ୍ଧିଷ୍ଟ ସଂଖ୍ୟକ ମନୋନୟନ ପତ୍ର ଠାରୁ ଅଧିକ ସଂଖ୍ୟକ ମନୋନୟନ ପତ୍ର ମିଳିନଥିବାରୁ ନିର୍ବାଚନର ଆବଶ୍ୟକତା ପଡିନଥିଲା ।

ପରିଶେଷରେ ଓଡିଶା ମ୍ୟୁନିସିପାଲ କର୍ପୋରେସନ ((ପ୍ରୋସିଜିଓର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜିନେସ୍) ରୁଲସ୍-୨୦୦୩ର ନିୟମ-୨୫ଓ ୩୨ ଅନୁଯାୟୀ ନିମ୍ନମତେ ଷ୍ଟାଣ୍ଡିଂ କମିଟି ମାନଙ୍କ ପାଇଁ ସେମାନଙ୍କ ପାର୍ଶ୍ୱବର୍ତ୍ତିତ ମତେ ସଭ୍ୟ /ସଭ୍ୟା ମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ମେୟର-ତଥା-ପୀଠାସୀନ ଅଧିକାରୀ ଘୋଷଣା କରିଥିଲେ ।

| ଷ୍ଟାଣ୍ଡିଂ କମିଟିର ନାମ | ନିର୍ବାଚିତ କର୍ପୋରେଟରଙ୍କ ନାମ |
|---|---|
| ୧. ସ୍ଲମ୍ ସେଟେଲମେଣ୍ଟ ଅତିରିକ୍ତ | ୧. ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ, ୱାର୍ଡ ନଂ-୪୯ |
| | ୨. ଶ୍ରୀ କୁମେରେନ୍ଦ୍ର ମହାପାତ୍ର, ୱାର୍ଡ ନଂ-୩୧ |
| | ୩. ଶ୍ରୀମତୀ ଜ୍ୟୋସ୍ନାମୟୀ ଜେନା, ୱାର୍ଡ ନଂ-୬୫ |
| | ୪. ଶ୍ରୀମତୀ ଜ୍ୟୋସ୍ନାରାଣୀ ରାଉତରାୟ, ୱାର୍ଡ ନଂ-୧୯ |
| | ୫. ଶ୍ରୀ ରଘୁନାଥ ମହାନ୍ତି, ୱାର୍ଡ ନଂ-୬୩ |
| | ୬. ଶ୍ରୀ ସୁରେଶ ଜେନା, ୱାର୍ଡ ନଂ-୩୩ |
| | ୭. ଶ୍ରୀ ଶ୍ରୀଧର ବେହେରା, ୱାର୍ଡ ନଂ-୫୨ |

ସର୍ବଶେଷରେ ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସଭାପତି ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଅପରାହ୍ନ ଘ.୧.୦୦ ଟିକା ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା - ଅନନ୍ତ ନାରାୟଣ ଜେନା
ସଭାପତି
ତା ୦୮.୫.୨୦୧୪ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 16.05.2015 ରିଖ.

ସମୟ:- ଅପରାହ୍ନ ଘ. ୪.୦୦ ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

1. ସେଖ୍ ନିଜାମ ଉଦ୍ଦିନ୍, ଚେୟାରମ୍ୟାନ୍.
2. ଶ୍ରୀମତୀ ମହାମାୟା ସ୍ୱାଇଁ.
3. ଶ୍ରୀମତୀ ଶାଶ୍ୱତୀ ମିଶ୍ର.

ଅଦ୍ୟ ତା ୧୬.୦୫.୨୦୧୫ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମର ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ସେଖ୍ ନିଜାମ ଉଦ୍ଦିନ୍ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଖାଲି ସ୍ଥାନକୁ କେତେକ ବ୍ୟକ୍ତି ଜବର ଦଖଲ କରି ରଖି ସେଠାରେ ବିବାହ, ବ୍ରତ ଆଦି ବିଭିନ୍ନ ସାମାଜିକ ଉତ୍ସବ କାର୍ଯ୍ୟପାଇଁ ଭଡ଼ାସୂତ୍ରେ ଦେଇ ଅର୍ଥ ଆଦାୟ କରୁଛନ୍ତି । ଏହିସବୁ ସ୍ଥାନକୁ ଭଡ଼ା ସୂତ୍ରରେ ବ୍ୟବହାର କରିବା ପାଇଁ ନିଗମକୁ ଅନୁମତି ଦେବା ନିମନ୍ତେ ରାଜ୍ୟସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ରାଜ୍ୟସରକାର ଦିନ ମଜୁରିଆ ମାନଙ୍କର ମଜୁରି ବୃଦ୍ଧି କରିଛନ୍ତି । ଏହି ଆଦେଶମତେ ନିଗମରେ କାର୍ଯ୍ୟରତ D.L.R.ଓ C.L.R. ମାନଙ୍କୁ ମଜୁରି ପ୍ରଦାନ କରିବାପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳ ଇଣ୍ଡଷ୍ଟ୍ରିଆଲ୍ ଅଂଚଳରେ ବିଭିନ୍ନ କାର୍ଯ୍ୟ ଯଥା- ରାସ୍ତାଲୋକ, ସଫେଇ ଓ ପରିମଳ ସେବା ଯୋଗାଉଥିବାରୁ ସେଠାରେ ଥିବା ଗୃହ ଗୁଡ଼ିକରୁ ଗୃହ ଟିକସ ଆଦାୟ କରିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳ ଇନ୍ଦ୍ରଧନୁ ମାର୍କେଟରେ ରାସ୍ତାର ଉନ୍ନତିକରଣ କାର୍ଯ୍ୟ, ସଫେଇ ଓ ପରିମଳ କାର୍ଯ୍ୟ, ରାସ୍ତାଲୋକ ସେବା ଯୋଗାଉଥିଲେ ମଧ ସେଠାରୁ BMC କୌଣସି ଅର୍ଥ ପାଉନାହିଁ । ତେଣୁ BDA ଏହାକୁ BMCକୁ ହସ୍ତାନ୍ତର କରନ୍ତୁ କିମ୍ବା ସେଠାରୁ ଗୃହ ଟିକସ ଆଦାୟ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମରେ ଡ଼େପୁଟି କମିଶନରଙ୍କ ପଦରେ ଦୁଇ ଜଣ ଅତିରିକ୍ତ କମିଶନର ନିଯୁକ୍ତି କରିଛନ୍ତି । ଡ଼େପୁଟି କମିଶନରଙ୍କ କାର୍ଯ୍ୟାଳୟ ପାଇଁ ମାସିକ "ଚା" ଖର୍ଚ୍ଚ ଟ ୫୦୦/- ବ୍ୟବସ୍ଥାଥିବା ଅର୍ଥ ଅତିରିକ୍ତ କମିଶନରଙ୍କ କାର୍ଯ୍ୟାଳୟରେ "ଚା" ଖର୍ଚ୍ଚ ବ୍ୟବସ୍ଥା କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.37 ମିନିଟ୍ ସମୟରେ ସଭା ଭଂଗ କରାଗଲା ।

ସ୍ୱା- ସେଖ୍ ନିଜାମ ଉଦ୍ଦିନ୍
ସଭାପତି
ତା 16.05.2015 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକବିବରଣୀ

ତା 13. 5.2015 ରିଖ

ସମୟ - ଅପରାହ୍ନ ଘ. 4.00 ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ବିରଂଚି ନାରାୟଣ ସହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ,
୩. ଶ୍ରୀ ରାମ ଚନ୍ଦ୍ର ପ୍ରଧାନ,
୪. ଶ୍ରୀ ନିର୍ମଳ ଚନ୍ଦ୍ର ରାଉତ,
୫. ଶ୍ରୀମତୀ ଗାୟତ୍ରୀ ଲେଙ୍କା,
୬. ଶ୍ରୀ ଦେବୀ ପ୍ରସାଦ ନନ୍ଦ

ଅଦ୍ୟ ତା 13.5.2015 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମ ନିର୍ବାହୀଯନ୍ତ୍ରୀ ଖଣ୍ଡ-୧ ଉପସ୍ଥାପନ କରିଥିବା ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟ ପାଇଁ ତାଲିକା (Annexture – A) ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ବର୍ଣ୍ଣିତ (Annexture – A) ର ୮(ଆଠ) ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ ୪୬ ଇଉନିଟ୍ – ୭, ସୂର୍ଯ୍ୟନଗର ପ୍ଲଟ୍ ନଂ ଏ/୧୨ ଠାରୁ ଏ/୧୬ ସମ୍ମୁଖରେ ଥିବା ପାର୍କର ଉନ୍ନତି କରଣ କରାଯାଇନାହିଁ । ଲୋକମାନେ ସେଠାରେ ଅଳିଆ ଜମା କରୁଥିବାରୁ ତାହାର ଚତୁପାର୍ଶ୍ୱରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବାରୁ ଏହାର ଉନ୍ନତି କରିବା ପାଇଁ NM Lok Kalyan Trust ଅନୁରୋଧ କରିଛନ୍ତି ନଥି ନଂ XXXXIII-(Env)-10/15 ଟିପ୍ପଣି ପୃଷ୍ଠା-୧ ରୁ ୫ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ପାର୍କ PPP mode ରେ NM Lok Kalyan Trust ମାଧମରେ ନିମ୍ନବର୍ଣ୍ଣିତ ସର୍ତ ଅନୁଯାୟୀ ଉନ୍ନତି କରଣ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

(୧) ଉକ୍ତ ସ୍ଥାନରେ ଅଳିଆ ଜମା ହେଉଥିବାରୁ ଆବେଦନକାରୀଙ୍କ ଦ୍ୱାରା ଉନ୍ନତି କରଣ କରାଯାଉ ।
(୨) ତାଙ୍କର ପ୍ରତିବର୍ଷର Performance ଅନୁଯାୟୀ (୩) ତିନି ବର୍ଷ ପର୍ଯ୍ୟନ୍ତ ଅନୁମତି ଦେବା ।
(୩) ସେମାନେ ଭୁବନେଶ୍ୱର ମହାନଗର ନିଗମରୁ କୌଣସି ଅର୍ଥ ଦାବି କରିବେ ନାହିଁ ।
(୪) ଭୁବନେଶ୍ୱର ମହାନଗର ନିଗମ Develop detail guidline କରିବେ ଏବଂ ସେହି ନିର୍ଦ୍ଦେଶ ଅନୁସାରେ ଉକ୍ତ ସଂସ୍ଥା ଉନ୍ନତି କରିବେ । ଏହାକୁ ପରିବେଶ ଅଧିକାରୀ ସମୀକ୍ଷା କରିବେ ।
(୫) ଉକ୍ତ ସଂସ୍ଥା ନିଗମର ବିନା ଅନୁମତିରେ କୌଣସି ଉନ୍ନତିକରଣ କିମ୍ବା ନିର୍ମାଣ କାର୍ଯ୍ୟ କରିବେ ନାହିଁ ।
(୬) ସେମାନେ ଲେସ ମାତ୍ର ଅଧିକାର/କୌଣସି ଜମି ମାଲିକାନାସତ୍ୱ ଦାବି କରିପାରିବେ ନାହିଁ ।

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମର Working Women Hostel ର ମଟର ପମ୍ପ ଖରାପ ହୋଇଯାଇଥିବାରୁ ମରାମତି ଆବଶ୍ୟକତା ପଡୁଅଛି । ମରାମତି ହୋଇ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ମହାନଗର ନିଗମ ପ୍ରତିଦିନ ଦୁଇ ଟ୍ରିପ୍ ପାଣି ଉକ୍ତ ହଷ୍ଟେଲକୁ ଯୋଗାଇ ଦେବା ସମ୍ପର୍କରେ କମିଟିଙ୍କ ବିଚାର :-

(ନଥି ନଂ XXXVI-21/2014 ଟିପ୍ପଣି ପୃଷ୍ଠା-୧୧ ରୁ ୧୨ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ ଅନୁମୋଦନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୪. ଭୁବନେଶ୍ୱର ମହାନଗର ନିଗମର Street Light ସୁପରିଚାଳନା ନିମନ୍ତେ ୫ ଗୋଟି ଅଟୋ ଭଡ଼ା ସୂତ୍ରେ ନିୟୋଜିତ କରାଯାଇଥିଲା । ତନ୍ମଧ୍ୟରୁ ୪ ଗୋଟି ଅଟୋ ବର୍ତ୍ତମାନ ସୁଧା କାର୍ଯ୍ୟରତ ଅଛି । ସେଥି ମଧ୍ୟରୁ ୧ ଗୋଟି ଅଟୋ ନଂ OR-02-BH-7149ର କାର୍ଯ୍ୟରେ ଯୋଗ ନ ଦେବାରୁ Street Lightର ପରିଚାଳନାରେ ଅସୁବିଧା ଦୃଷ୍ଟିରୁ ତା ବଦଳରେ ଅଟୋ ନଂ OD-02-U-0948 ତା ୦୮/୦୩/୨୦୧୫ ରିଖ ଠାରୁ ନିୟୋଜିତ କରାଯାଇଅଛି । ନଥି ନଂ XXXVI-22/15 ଟିପ୍ପଣି ପୃଷ୍ଠା-୧ ରୁ ୩ ମଧ୍ୟରେ ବର୍ଣ୍ଣିତ ତଥ୍ୟ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ଗାଡ଼ି ଭଡ଼ାସୂତ୍ରେ ନିୟୋଜନ ସମ୍ପର୍କରେ କମିଟିଙ୍କ ବିଗ୍ଚର :-

ନିର୍ଦ୍ଧାରଣ-୪. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମାଂଚଳ ଅଧିନରେ ଥିବା ନାଳଗୁଡ଼ିକର ସଫେଇ ଓ ପରିବହନ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ନିମ୍ନଲିଖିତ ଅଟକଳ ଗୁଡ଼ିକ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ ଓ ନଥି ନଂ | ଅଟକଳ ପରିମାଣ |
|---|---|---|
| 1 | Desilting of Drain in Ward No. 44<br>XXIX- Div- II- 170/15 | Rs. 2,39,200/- |
| 2 | Desilting of Drain at E- Type & F-Type And 2R Qtrs. At Unit-9 in Ward No. 29<br>XXIX- Div- II- 151/15 | Rs. 2,91,500/- |
| 3 | Desilting of Drain at Gridco Colony at Ward No. 29<br>XXIX- Div- II- 152/15 | Rs. 2,78,500/- |
| 4 | De-Weeding of Bindusagar<br>XXIX- Div- II- 105/15 | Rs. 2,00,000/- |
| 5 | Desilting of BMC Drains in Ward No. 16<br>XXIX- Div- I- 1165/15 | Rs. 2,10,700/- |
| 6 | Desilting of BMC Drains at Paika Nagar Area in Ward No. 50<br>XXIX- Div- I- 1157/15 | Rs. 2,68,000/- |
| 7 | Desilting of BMC Drains in Ward No. 09<br>XXIX- Div- I- 1158/15 | Rs. 2,49,100/- |
| 8 | Desilting of BMC Drains at Baramunda And Gandamunda Area in Ward No. 50<br>XXIX- Div- I- 1156/15 | Rs. 1,93,200/- |

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧ ଉପସ୍ଥାପନ କରିଥିବା ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟପାଇଁ ତାଲିକା (Annexure-A) ଅନୁମୋଦନ କରିବା ସଂପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୬. ପ୍ରସ୍ତାବ ବର୍ଣ୍ଣିତ Annexure-A ର ୮ (ଆଠ)ଗୋଟି କାର୍ଯ୍ୟ ଅନୁମୋଦନ କରିବାପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୭(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେ ନାଳ ଉପରେ ବଡ଼ ବଡ଼ ସ୍ଲାବ୍ ପଡ଼ିଥିବାରୁ ତା ତଳେ ବାଲି ଗୋଡ଼ି ଜମା ହୋଇ ଜଳ ନିଷ୍କାସନ ହେଉନାହିଁ । ଆଗକୁ ବର୍ଷା ଋତୁ ଆସୁଥିବାରୁ ବର୍ଷାଜଳ ନିଷ୍କାସନ ନିମନ୍ତେ ଯେଉଁଠାରେ ନାଳ ସଫେଇ ହୋଇପାରୁନାହିଁ ସେହି ସ୍ଥାନରୁ ଖଣ୍ଡେ ଖଣ୍ଡେ କାଟି ସେଠାରେ ନାଳ ସଫେଇ କରିବା ନିମନ୍ତେ ପଦକ୍ଷେପ ନେବାପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୭(୨). ନିଗମର କାର୍ଯ୍ୟରତ ଫାଇଲେରିଆ କର୍ମଚାରୀ ମାନଙ୍କୁ ଫିଲ୍ଡ଼ିରେ ଚିହ୍ନି ହେଉନଥିବାରୁ କାର୍ଯ୍ୟ କରିବା ସମୟରେ ସେମାନଙ୍କର ଡ୍ରେସ୍ କୋର୍ଡ଼ ବ୍ୟବସ୍ଥା କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୭(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ବ୍ୟବସାୟୀ ମାନେ ଫୁଡ଼୍ ଲାଇସେନ୍ସ ନିଗମରୁ ନେଉଛନ୍ତି ସେମାନେ ନିଗମର ଟ୍ରେଡ଼୍ ଲାଇସେନ୍ସ ଦାଖଲ କଲାପରେ ସେମାନଙ୍କୁ ଫୁଡ଼୍ ଲାଇସେନ୍ସ ଦେବାପାଇଁ ନିଗମର ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୭(୪). ନିଗମର ନିଜସ୍ୱ ଗାଡ଼ି ନଂ OR-02-AT-5440 ଅଟୋ ଟିପର୍ ଗାଡ଼ି ଅପ୍ ରୋଡ଼୍ ହୋଇଯାଇ ଅଛି । ଏହି ଗାଡ଼ିଟି ନିଗମାଂଚଳରୁ ମଲାଗୋରୁ, କୁକୁର ଆଦି ପଶୁ ଉଠାଉ ଥିବାରୁ ଏହି ଗାଡ଼ିକୁ ଅନ୍ ରୋଡ଼୍ କରିବା ପାଇଁ ଏମ୍. ଭି. ଆଇ.ଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୭(୫). ନିଗମ ପରିଚାଳିତ ପୌର ଚିକିତ୍ସାଳୟରେ ଥିବା ଅଲ୍ଟ୍ରାସାଉଣ୍ଡ ମେସିନ୍ ଏବଂ ଲାପ୍ରୋସ୍କୋପିକ୍ ମେସିନ୍ ରହିଅଛି । ଏହାକୁ ପରିଚାଳନା କରିବା ପାଇଁ ଡ଼ାକ୍ତର ନ ଥିବାରୁ ଏହାର ସୁବିଧା ରୋଗୀମାନେ ପାଇପାରୁନାହାନ୍ତି । ଏହାକୁ ପରିଚାଳନା କରିବା ପାଇଁ ନିଗମର ନଗର ସ୍ୱାସ୍ଥ୍ୟ ଅଧିକାରୀ ରାଜି ହେଉଥିବାରୁ ତାଙ୍କୁ ସପ୍ତାହକୁ (୨) ଦୁଇଦିନ ପୌର ଚିକିତ୍ସାଳୟରେ ଅଲ୍ଟ୍ରାସାଉଣ୍ଡ ମେସିନ୍ ଏବଂ ଲାପ୍ରୋସ୍କୋପିକ୍ ମେସିନ୍ ଚଲାଇବା ପାଇଁ ଅନୁମତି ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୭(୬). ଭୁବନେଶ୍ୱର ମହାନଗର ନିଗମାଂଚଳର ତଳିଆ ଅଂଚଳରେ ବର୍ଷା ଦିନେ ଜମୁଥିବା ବର୍ଷାଜଳ ନିଷ୍କାସନ ପାଇଁ ଆଉ (୩) ତିନି ଗୋଟି ପାଣିପମ୍ପ୍ କ୍ରୟ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୭(୭). ଭୁବନେଶ୍ୱର ମହାନଗର ନିଗମର ୨୦୧୫-୨୦୧୬ ଆର୍ଥିକ ବର୍ଷ ବଜେଟ୍‌ରେ ନିଗମାଂଚଳର ବୈଦ୍ୟୁତିକ କାର୍ଯ୍ୟପାଇଁ ବ୍ୟବସ୍ଥା ଥିବା ଅର୍ଥରେ ବିଭିନ୍ନ ୱାର୍ଡ଼ ପାଇଁ ରାସ୍ତା ଆଲୋକ କାର୍ଯ୍ୟ ନିମନ୍ତେ ଅଟକଳ ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ସର୍ବଶେଷରେ ସମସ୍ତ ସଭ୍ୟ/ସଭ୍ୟାମାନେ ବୈଠକର ଉପରବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ଅପରାହ୍ନ ଘ. ୫.୪୦ ମିନିଟ୍ ସମୟରେ ସଭା ସାଂଗ କରାଗଲା ।**

ସ୍ୱା- ବିରଂଚି ନାରାୟଣ ସହାସୁପକାର

ସଭାପତି

ତା ୧୩.୦୫.୨୦୧୫ ରିଖ

| Sl. No. | Ward No. | File No. | Name of the Work | Estimated Cost |
|---|---|---|---|---|
| 1 | | XXVII-118/15 | Electrical wiring and installation of newly renovated diary/issue section BMC & Computer Cell at Yatri Niwas. | 47,895.00 |
| 2 | | XXVII-123/15 | Provision of street light in different location of ward no.-48,47 & 34. | 1,91,813.00 |
| 3 | | XXVII-117/15 | Estimate for 10 nos. skilled ITI (Electrical) Personnel for maintenance of street [illegible] work of BMC for the year 2015-16. | 9,93,161.00 |
| 4 | | XXVII-125/15 | S/R of Electrical wiring and installation old building of Unit-8 Community Centre. | 1,22,349.00 |
| 5 | | XXVII-116/15 | Provision of street light at Banafula Basti, Patia. | 83,428.00 |
| 6 | | XXVII-119/15 | Electrical wiring and installation of newly constructed room including old room at [illegible] Nagar Crematorium. | 28,243.00 |
| 7 | | XXVII-32/14 | Repairing and servicing of 250 KVA silent D.G set inside BMC premises. | 26,604.00 |
| 8 | | XXVII-127/15 | Supply and lying of U.G cable from Transformer end to High Mast at Power House square. | 17,430.00 |

EE-1
BMC

A.E.E. (Elect.),
BMC

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 21.05.2015 ରିଖ.

ସମୟ- ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-ଷ୍ଟାଣ୍ଡିଂ କମିଟି ସଭା ଗୃହ,

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀ ହୃଦୟ ବଲ୍ଲଭ ସାମନ୍ତରାୟ,
୩. ମୁଜାହିଦ୍ ହୁସେନ,
୪. ଶ୍ରୀ ହରେକୃଷ୍ଣ ନାୟକ,
୫. ଶ୍ରୀ ନିଖିଳ କୁମାର ବଳବନ୍ତରାୟ,
୬. ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ରାୟ,
୭. ଶ୍ରୀ ଦେବାଶିଷ ସିଟ୍

ଅଦ୍ୟ ତା 21.05.2015 ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ଉନ୍ନୟନ ମୂଳକ କାର୍ଯ୍ୟର ପାର୍ଶ୍ୱଲିଖିତ ଅଟକଳ ମତେ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତି କରି କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ପରିମାଣ |
|---|---|---|
| 1 | Improvement of road from LIG-222 to Pump House to Smt. Susama Padhi house at Nayapalli with two nos branch roads in Ward No-38<br>File No.XXIX Divn-II- 60/15 | Rs 14,65,000.00<br>W.B-2015-16 |
| 2 | Improvement of road from MIG-B-1 to 6 and LIG-82 to 52 at Nayapalli Brit Colony in Ward No-38<br>File No.XXIX Divn-II- 61/15 | Rs. 16,34,500.00<br>W.B-2015-16 |
| 3 | Renovation of Crematorium at Nayapalli Village in Ward No-38<br>File No.XXIX Divn-II- 62/15 | Rs. 10,35,000.00<br>W.B-2015-16 |
| 4 | Special repair to road and drain from Qrs No. IIRA-115 to 2RA-97, IIRA-41 to IIRA-63 and IIRA-97 to IIRA-17 at Press Colony in Ward No-41<br>File No.XXIX Divn-II- 346/14 | Rs. 35,05,000.00<br>W.B-2014-15 |
| 5 | Construction of drain in front of Qrs No. 2RB-17/1 to Qrs No. 2RB-17/4 in Unit-VIII in Ward No-47<br>File No.XXIX Divn-II- 35/15 | Rs. 5,18,000.00<br>W.B-2015-16 |
| 6 | Lifting of debris/overburden earth at road side in Unit-8 Area in Ward No-47<br>File No.XXIX Divn-II- 65/15 | Rs. 25,000.00<br>BMC Fund |

| | | |
|---|---|---|
| 7 | Provision of slab on drain from Dispensary to Plot No.101 at BJB Nagar in Ward No-56<br>File No.XXIX Divn-II- 95/15 | Rs. 1,85,100.00<br>W.B-2015-16 |
| 8 | Restoration of road due to sewerage work from Plot No.H/1 to H/9 Via- H/11, EB-735 to EB/757, EB-742 to EB-810 & EB-767 to M/6 in Ward No-57<br>File No.XXIX Divn-II- 422/14 | Rs. 28,01,000.00<br>OWSSB Fund |
| 9 | Restoration of road due to sewerage work from Plot No.EB-119 to EB-95 & EB-128 to EB-120 in Ward No-57<br>File No.XXIX Divn-II- 423/14 | Rs. 15,07,000.00<br>OWSSB Fund |
| 10 | Restoration of road due to sewerage work from Plot No. C/9 to E-734 towards Tankapani road and EB-675 to EB-671, EB-639 to EB-642 in Ward No-57<br>File No.XXIX Divn-II- 425/14 | Rs. 28,09,000.00<br>OWSSB Fund |
| 11 | Restoration of road due to sewerage work from Plot No.EB-169 to EB-170, EB-225 to EB-208, EB-228 towards & EB-552 to EB-83 in Ward No-57<br>File No.XXIX Divn-II- 426/14 | Rs. 13,08,000.00<br>OWSSB Fund |
| 12 | Construction of road from N.H. 203 to res of Dally Sahoo in Ward No-59<br>File No.XXIX Divn-II- 64/15 | Rs. 2,48,500.00<br>W.B-2014-15 |
| 13 | Restoration of road due to sewerage work from Plot No. 1869 to Plot No.1892 at Phase-II HB-Colony Dumduma in Ward No-65<br>File No.XXIX Divn-II- 215/14 | Rs, 11,73,907.00<br>OWSSB Fund |
| 14 | Restoration of road due to sewerage work Ganguram Sweet Stall to Plot No.LIV-172 and from Plot No.LIV-172 to Plot No.LIV-177 and from Plot No.LIV-177 & Plot No.LIV-182 at Phase-IV Dumduma in Ward No-65<br>File No.XXIX Divn-II- 216/14 | Rs. 5,53,825.00<br>OWSSB Fund |
| 15 | Restoration of road due to sewerage work from Tube well to Plot No.LIV-348 and from Plot No. LIV-348 to LIV-358 and from Plot No. LIV-358 to Plot No. LIV-365 at Phase IV Dumduma Housing Board inWard No-65<br>File No.XXIX Divn-II- 217/14 | Rs. 5,11,523.00<br>OWSSB Fund |
| 16 | Restoration of road due to sewerage work from Plot No. 1442 to Plot No. 228 and up to Plot No. 1318 at Phase II Housing Board Colony Dumduma inWard No-65<br>File No.XXIX Divn-II- 218/14 | Rs. 12,40,950.00<br>OWSSB Fund |

| | | |
|---|---|---|
| 17 | Restoration of road due to sewerage work from Auto Garage to Plot No. LIV-160 and from Plot No. LIV-160 to Plot No. LIV-107 at Phase IV Dumduma inWard No-65<br>File No.XXIX Divn-II- 219/14 | Rs. 6,71,534.00<br>OWSSB Fund |
| 18 | Restoration of Tax Block Building such as greeding of roof slab, out side Plastering and P.H. Work in BMC<br>File No.XXIX Divn-II- 204/15 | Rs. 2,70,000.00<br>BMC Fund |
| 19 | Fixing of MS Gril Over NICCO Park Calvert<br>File No.XXIX Divn-II- 136/15 | Rs. 54,000.00<br>BMC Fund |

ନିର୍ଦ୍ଧାରଣ-୧. ପ୍ରସ୍ତାବବର୍ଣ୍ଣିତ କାର୍ଯ୍ୟଗୁଡ଼ିକ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧ ବିଭିନ୍ନ ୱାର୍ଡ଼ ପାଇଁ ଉପସ୍ଥାପିତ କରିଥିବା ଉନ୍ନୟନମୂଳକ କାର୍ଯ୍ୟ ତାଲିକା(Annexure-A) ଅନୁମୋଦନ କରିବା ସଂପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୨. ପ୍ରସ୍ତାବବର୍ଣ୍ଣିତ Annexure-A ର ୧୭ ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତିକ୍ରମେ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ ପାଇଁ ନିର୍ମାଣକାରୀ ବ୍ୟକ୍ତି/ସଂସ୍ଥା ମାନେ N.O.C. ପାଇଁ ବହୁତଳ ପ୍ରାସାଦର @ ୧% ଅର୍ଥ ନିଗମରେ ଦାଖଲ କରୁଛନ୍ତି ଏବଂ ୧% ଅର୍ଥରେ Peripherial Development କାର୍ଯ୍ୟ ନିଜେ କରୁଛନ୍ତି । ଏହି କାର୍ଯ୍ୟ Builder ମାନେ Private Land ରେ ମଧ କରୁଛନ୍ତି ଏବଂ ଏହି କାର୍ଯ୍ୟର ଗୁଣବତା ମଧ କମ୍ କରୁଛନ୍ତି । ତେଣୁ ଏହି କାର୍ଯ୍ୟ Govt. Land କିମ୍ବା BMC Land ରେ କରାଯାଉ ଏବଂ ଏହା BMC ଦ୍ୱାରା Tender ମାଧମରେ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.52 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା- ଅମରେଶ ଜେନା

ସଭାପତି

ତା ୨୧.୦୫.୨୦୧୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ ଡେଭେଲପ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 18.05.2015 ରିଖ

ସମୟ - ଅପରାହ୍ନ ଘ. 4.00 ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ନବ କିଶୋର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀମତୀ ମମତା ସାହୁ,
୩. ଶ୍ରୀମତୀ ପୁଷ୍ପାଞ୍ଜଳି ଦାସ,
୪. ଶ୍ରୀମତୀ ବିନୟନୀ ଜେନା,
୫. ଶ୍ରୀମତୀ ଭାନୁପ୍ରିୟା ଦାସ,
୬. ବନ୍ଦନା ସାହୁ,
୭. ଶ୍ରୀମତୀ ରଚନା ପାଟସାହାଣୀ,

ଅଦ୍ୟ ତା 18.05.2015 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡେଭେଲପ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ନବ କିଶୋର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟାମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). NULM ଫଣ୍ଡ ପାଇଁ ଭୁବନେଶ୍ୱର ମହାନଗର ନିଗମାଂଚଳରେ ମହିଳା ସଂଗଠନ ଗଠନ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଭତା ପାଇବା ପାଇଁ ଦୀର୍ଘ ଦିନ ହେବ ଆବେଦନ କରିଥିଲେ ମଧ ଭତା ପାଉନାହାଁନ୍ତି । ସେମାନେ ଦୁଃଖ କଷ୍ଟରେ ଜୀବନ ଜାପନ କରୁଛନ୍ତି । ସେମାନଙ୍କୁ ଭତା ଦେବାପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ ୪୪ ଅଂଚଳରେ ଥିବା ନାଳଗୁଡ଼ିକୁ ବର୍ଷା ଋତୁ ପୂର୍ବରୁ ସଫା କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ ୩୪ ଓ ୪୪ ଅଂଚଳରେ ଡ଼ଷ୍ଟବିନ୍ ପକାଇବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଆଗାମୀ ବର୍ଷା ଋତୁରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ Tree Guard ସହିତ ବୃକ୍ଷରୋପଣ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଟ୍ରାଫିକ୍ ଛକରେ ବରଗଛ ଭଳି ବଡ଼ ବଡ଼ ଗଛ ଲଗାଇଲେ ଟ୍ରାଫିକ୍‌ରେ ଲୋକମାନେ ଛିଡ଼ାହେବା ସମୟରେ ଛାଇରେ ରହିପାରିବେ, ଏହା ଉପରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.45 ମିନିଟ୍ ସମୟରେ ସଭା ସଂଗ କରାଗଲା ।

ସ୍ୱା- ନବ କିଶୋର ବେହେରା
ସଭାପତି
ତା 18.05.2015 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 19.05.2015 ରିଖ,

ସମୟ - ପୂର୍ବାହ୍ନ ଘ.11.00 ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ପ୍ରଣବ କିଶୋର ସ୍ୱାଇଁ, ଚେୟାରମ୍ୟାନ୍,
୨. ଶ୍ରୀମତୀ ଅନିତାରାଣୀ ମହାନ୍ତି,
୩. ଶ୍ରୀମତୀ ପୁଷ୍ପା ଦାସ,
୪. ଶ୍ରୀମତୀ ମୋନାଲିସା ସାହୁ,
୫. ଶ୍ରୀମତୀ ପ୍ରଣତି ନାୟକ,

ଅଦ୍ୟ ତା 19.05.2015 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରଣବ କିଶୋର ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୨୮ ଆଚାର୍ଯ୍ୟ ବିହାର ସ୍ଥିତ ପାର୍କର ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ୨୦୧୫-୧୬ ଆର୍ଥିକ ବର୍ଷ ବଜେଟ୍‌ର ୱାର୍ଡ଼ ବଜେଟ୍‌ରୁ ଟ ୧୨,୩୩,୧୦୦/- ମାତ୍ର ଅନୁମୋଦନ କରିବା ସଂପର୍କରେ କମିଟିଙ୍କ ବିଚାର :- ନଥି ନଂ XXIX-Div-I-1045/2015 ଟିପ୍ପଣୀ ପୃଷ୍ଠା ୧ ରୁ ୨ ଦ୍ରଷ୍ଟବ୍ୟ

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଆସନ୍ତା ମାସ ବୈଠକରେ ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ପୂର୍ବ ମାସ ମାନଙ୍କରେ କମିଟି ଯେଉଁ ନିଷ୍ପତି ନେଇଥିଲେ ତାହା ଉପରେ କ'ଣ ପଦକ୍ଷେପ ନିଆଯାଇଅଛି ତାହାର ତଥ୍ୟ ସହିତ ଆସନ୍ତା ମାସ ବୈଠକରେ ଉପସ୍ଥିତ ରହିବା ପାଇଁ ନିଗମର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.58 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା- ପ୍ରଣବ କିଶୋର ସ୍ୱାଇଁ
ସଭାପତି
ତା 19.05.2015 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍‌ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୫.୨୦୧୫ ରିଖ

ସମୟ- ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ସଞ୍ଜୟ କୁମାର ସେଠୀ, ଚେୟାରମ୍ୟାନ୍,
୨. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ,
୩. ଶ୍ରୀମତୀ ହରପ୍ରିୟା ସାହୁ,
୪. ଶ୍ରୀମତୀ ସୁଷମା ଜେନା,
୫. ଶ୍ରୀମତୀ ମମତା ରାଉତ,
୬. ଶ୍ରୀମତୀ ପ୍ରତିଭା ସାମନ୍ତରାୟ,
୭. ଶ୍ରୀ ନରେନ୍ କୁମାର ସାହୁ,

ଅଦ୍ୟ ତା ୨୦.୦୫.୨୦୧୫ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍‌ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ସଞ୍ଜୟ କୁମାର ସେଠୀ ସଭାପତିତ୍ୱ କରିଥିଲେ ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ବାରଗୋଟି ମାର୍କେଟରେ କେଉଁ କେଉଁ ହିତାଧିକାରୀଙ୍କୁ ଦୋକାନ ଗୃହ ଦିଆଯାଇଅଛି ତାହାର ତାଲିକା ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର D.C. Revenue ଙ୍କ ଉପରେ ସର୍ବସମ୍ମତି କ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୨). ଟେଲିଫୋନ୍ ଟାୱାର ରୁ ବାହାରୁ ଥିବା ବିକରଣ ହେଲଥ ହାଜାର୍ଡ଼ ହେଉଅଛି । ଭୁବନେଶ୍ୱର ମହାନଗର ନିଗମାଂଚଳରେ ଟାୱାର ନିର୍ମାଣ ସମୟରେ ଜନ ସାଧାରଣ ଯେଭଳି ଅସୁବିଧା ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେଇ ଟାୱାର ନିର୍ମାଣ କରିବାକୁ ଅନୁମତି ଦେବାପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଟେଲିଫୋନ୍ କମ୍ପାନୀମାନଙ୍କୁ କେବୁଲ୍ ତାର ବିଛାଇବା ପାଇଁ ଅନୁମତି ଦେବା ପୂର୍ବରୁ ଦରଖାସ୍ତ ଗୁଡ଼ିକ କମିଟିଙ୍କ ବିଚାର ପାଇଁ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେକ ପାର୍କିଙ୍ଗ୍ ସ୍ଥଳ ନିଲାମ କରାଯାଇଥିଲେ ମଧ୍ୟ କେହି ନିଲାମ ନେଉନାହାଁନ୍ତି । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନୂଆ ବସ୍ ସେଲ୍ଟର କେଉଁଠାରେ ନିର୍ମାଣ ହେବ ତାହା BPTSL ପ୍ରସ୍ତାବ ଉପରେ ବିଚାର କରାଯିବ । ଏହି ସ୍ଥାନ ନିଗମର କର୍ମଚାରୀଙ୍କ ଦ୍ୱାରା ତଦାରଖ କରାଯାଇ କମିଟିରେ ଉପସ୍ଥାପନ କରାଯିବ ଏବଂ ଏହା ଗୋଟିଏ ଆକୃତି ଓ ଗୋଟିଏ ରଙ୍ଗ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଆସନ୍ତା ମାସଠାରୁ ନିଗମ ପରିଚାଳିତ ମହିଳା ଆବାସ, କଲ୍ୟାଣ ମଣ୍ଡପ ଓ କମ୍ୟୁନିଟି ସେଣ୍ଟର୍ ଗୁଡ଼ିକରୁ ଆଦାୟ ହେଉଥିବା ଅର୍ଥର ହିସାବ ଫର୍ଦ୍ଦ ଆସନ୍ତା ମାସଠାରୁ ପ୍ରତି ମାସରେ ଉପସ୍ଥାପନ କରିବା ପାଇଁ ନିଗମର D.C. Recovery ଙ୍କ ଉପରେ ସର୍ବସମ୍ମତି କ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା କେତେଗୋଟି କମ୍ୟୁନିଟି ସେଣ୍ଟର୍ ନିର୍ମାଣ କରାଯାଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର D.C. Recovery ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ନିଗମାଂଚଳରେ ପ୍ରୟାସ ଦୋକାନ ଗୃହ ଯେତିକି ଜାଗାରେ ଦିଆଯାଇଥିଲା ତାହାଠାରୁ ଅଧିକା ଜାଗା ଜବର ଦଖଲ କରି ବ୍ୟବସାୟ କରୁଛନ୍ତି । ଏହାକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ନିଗମ ଜାଗା ଉପରେ କେଶରୀ ମାର୍କେଟ୍ ନିର୍ମାଣ କରି ତାର ଅଂଶ ବିକ୍ରି କରିସାରିଲାଣି । କିନ୍ତୁ ନିଗମ ଅଂଶ ଦେଇନାହାଁନ୍ତି । ଫଳରେ ନିଗମର ଆର୍ଥିକ କ୍ଷତି ଘଟୁଅଛି । ଚୁକ୍ତି ପତ୍ର ସର୍ତ୍ତ ଅନୁଯାୟୀ ନିଗମ ଅଂଶ ଆଣିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧୨.୨୬ ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା- ସଞ୍ଜୟ କୁମାର ସେଠୀ
ସଭାପତି
ତା ୨୦.୦୪.୨୦୧୫ ରିଖ

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଣ୍ଷ୍ଟ୍ରାକ୍ସନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ -ପୂର୍ବାହ୍ନ ଘ ୧୧.୦୦ ଟିକା
ସ୍ଥାନ - ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ

ତା- ୨୮ .୦୫.୨୦୧୫

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ତଥା ସଭାପତି,
୨. ଶ୍ରୀ ନିହାର ରଞ୍ଜନ ସାହୁ,
୩. ଶ୍ରୀ ପ୍ରେମାନନ୍ଦ ଜେନା,
୪. ଶ୍ରୀ ଦିଲ୍ଲିପ କୁମାର ମାଝି,
୫. ଡ଼ା. କ୍ରିଷନ କୁମାର, (ଆଇ.ଏ.ଏସ୍.)
ମ୍ୟୁନିସିପାଲ କମିଶନର

ଅଦ୍ୟ ତା ୨୮ .୦୫.୨୦୧୫ ରିଖ -ପୂର୍ବାହ୍ନ ଘ ୧୧.୦୦ ଟିକା ସମୟରେ ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭୁବନେଶ୍ୱର ମହାନଗର ନିଗମର କଣ୍ଷ୍ଟ୍ରାକ୍ସନ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତି ଶ୍ରୀ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରାରମ୍ଭରେ ନିଗମର ଗୋଷ୍ଠୀ ସଂଗଠକ ଶ୍ରୀ ସୁନିଲ୍ କୁମାର ଟପୋ ଆଜି ଇହଧାମ ତ୍ୟାଗ କରିଥିବାରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସଭାପତିଙ୍କ ଅନୁରୋଧ କ୍ରମେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

ପ୍ରସ୍ତାବ-୧- ଭୁବନେଶ୍ୱର ପୌର ନିଗମ ଡ଼ାକ୍ତରଖାନାରେ ସଫେଇ ଓ ପରିମଳ କାର୍ଯ୍ୟପାଇଁ ଠିକାଦାର ଶ୍ରୀ ପ୍ରଭାକର ପ୍ରଧାନଙ୍କର କାର୍ଯ୍ୟ କରିବାର ଚୁକ୍ତି ପତ୍ରମିଆଦ ସରିଯାଇଥିବାରୁ ନୂଆ ଟେଣ୍ଡର ପାଇଁ ପଦକ୍ଷେପ ନିଆଯାଇଛି ଯାହା ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଶ୍ରୀ ପ୍ରଧାନଙ୍କ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶମତେ କାର୍ଯ୍ୟ କରିବା ପାଇଁ ପୌରମୁଖ୍ୟ ଚିକିତ୍ସକଙ୍କ ପତ୍ର ସଂ ୬୩୦ ତା ୨୪.୦୮.୨୦୧୪ ରିଖରେ ତାଙ୍କର ସହମତି ମାଗିଥିଲେ । ସେ ମଧ୍ୟ ପୂର୍ବ ନିର୍ଦ୍ଧାରିତ ମୂଲ୍ୟରେ କାର୍ଯ୍ୟ କରିବା ପାଇଁ ସହମତି ଜଣାଇଛନ୍ତି । ନଥି ନଂ BMC (H)-47/12 ଟିପ୍ପଣୀ ପୃଷ୍ଠା ୩୧ ରୁ ୩୨ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟର ସୁପାରିଶ ଅନୁଯାୟୀ ଡ଼ାକ୍ତରଖାନାର ସଫେଇ ଓ ପରିମଳ କାର୍ଯ୍ୟର ଟେଣ୍ଡର ସରିବା ପର୍ଯ୍ୟନ୍ତ ଶ୍ରୀ ପ୍ରଧାନଙ୍କର ଉକ୍ତ ହସ୍ପିଟାଲରେ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରିବା ସହିତ ବର୍ତ୍ତମାନ ଦେଇଥିବା ବକେୟା ପ୍ରାପ୍ୟ ପ୍ରଦାନ କରାଯିବା ସଂପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧- ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା । ନୂତନ ନିବିଦା ପ୍ରକ୍ରିୟା ଦୁଇ ମାସ ମଧ୍ୟରେ ଶେଷ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୨- ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା BMC.EE-1-o9/ 14-15 ତା ୧୩.୦୩.୨୦୧୫ ରିଖରେ ୱାର୍ଡ ନଂ-୨୩ ଅନ୍ତର୍ଗତ ଖଣ୍ଡଗିରି ବାରି ପ୍ଲଟ୍ ନଂ-୧୪୦୫ ଠାରୁ ୧୪୩୩ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କରିବା ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ଚାରିଜଣ ଠିକାଦାର ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ତିନିଜଣ ଠିକାଦାର Prescribed format ଅନୁସାରେ Affidavit ଦାଖଲ କରିନଥିବାରୁ ସେମାନଙ୍କ Bid ଗୁଡ଼ିକ ରଦ୍ଦ (Reject) ହୋଇଗଲା । ଫଳରେ ଗୋଟିଏ ମାତ୍ର ବିଧିମାନ୍ୟ ନିବିଦା ରହିଲା । ଠିକ୍ ଟେଣ୍ଡର ଦାଖଲ କରିଥିବା M/S SHP Construction pvt Ltd (-୧୨.୨%) ରେଟ୍ ଦାଖଲ କରି L2 position ରେ ଅଛନ୍ତି । Rejected ଓ bider ଶ୍ରୀ ସଂଗ୍ରାମ ଶତପଥି (-14.99%) ରେଟ୍ ଦାଖଲ କରି L-1 ବିଡ଼ର ପୋଜିସନ୍‌ରେ ଥିଲେ । ତେଣୁ ଏକମାତ୍ର ବିଧିମାନ୍ୟ ନିବିଦା ଦାତା M/S SHP Construction pvt Ltd ଙ୍କ ସହ ଯୋଗାଯୋଗ କଲାପରେ ସେ ଏହି କାମଟିକୁ L1 bidder ଙ୍କ rate ରେ କରିପାରିବେ ନାହିଁ (@14.99%) ବୋଲି ଲିଖିତ ଆକାରରେ ଅସାମର୍ଥ୍ୟ ପ୍ରକାଶ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପୂର୍ବରୁ ମଧ୍ୟ ଉକ୍ତ କାମ ପାଇଁ BMC. EE Div- o1- ୧୭୭ ତା ୦୯.୦୨.୨୦୧୫ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । କେବଳ ଜଣେ ଠିକାଦାର M/S SHP Construction pvt Ltd. Bid ଦାଖଲ କରିଥିଲେ । ଏହା Single Tender received on first attempt ଆଧାରରେ H & UD Letter No.3863/Hd dt. 28.01.2013 ଅନୁଯାୟୀ Cancel ହୋଇଯାଇଥିଲା । 2nd Time Tender ରେ ମଧ୍ୟ M/S SHP Construction pvt Ltd. ଭାଗ ନେଇଥିଲେ ଓ ସେ ଦାଖଲ କରିଥିବା ବିଡ୍ ଟି ଉପରଲିଖିତ ତଥ୍ୟ ଆଧାରରେ single Tender ହୋଇଅଛି । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଦୁଇଟି ଅପ୍ସନ୍ ଉପରେ କମିଟିଙ୍କ ବିଚାର କରାଯାଇପାରେ ।

(1) ଉପରୋକ୍ତ କାମ ପାଇଁ ଡ଼କାଯାଇଥିବା 2nd time Tender କୁ Cancellation କରି 3rd time Tender ଆହ୍ୱାନ କରିବା ।

କିମ୍ବା

(2) M/S SHP Construction pvt Ltd.ଙ୍କ Tender କୁ ତାଙ୍କ ରେଟ୍ (@12.2% less)ରେ accept କରିବା । ନଥି ନଂ XXIX-Div -1-1149/2014 ଟିପ୍ପଣୀ ପୃଷ୍ଠା – ୧୧ ରୁ ୧୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୨- ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟପାଇଁ ମିଳିଥିବା ନିବିଦାଗୁଡ଼ିକୁ ରଦ୍ଦ (cancel) କରାଯାଇ ପୁନଃ ନିବିଦା ଆହ୍ୱାନ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୩- ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା BMC. EED-1-06/ 14-15 ତା **06.01.2015** ରିଖ (Sl No-8)ରେ ବରମୁଣ୍ଡା ୱାର୍ଡ଼ ନଂ-୪୯ ସ୍ଥିତ ପ୍ଲଟ୍ ନଂ-୨୩୮ ରୁ ସନ୍ତୋଷୀ ଗେଷ୍ଟ ହାଉସ୍ ଓ ପ୍ଲଟ୍ ନଂ-୨୭୪ ଠାରୁ ଶକ୍ତି ଗେଷ୍ଟ ହାଉସ୍ ଓ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ଗେଟ୍ ପର୍ଯ୍ୟନ୍ତ ନାଳ ନିର୍ମାଣ କାମ ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ତିନିଜଣ ଠିକାଦାର ଭାଗ ନେଇଥିଲେ । ସେମାନଙ୍କର କାଗଜ ପତ୍ର ଜାଂଚ କଲାପରେ ଦେଖାଗଲା ଯେ, ତିନିଜଣଙ୍କ ମଧ୍ୟରୁ L1 Rate (@ ୧୦.୦୦% Less) ଦାଖଲ କରିଥିବା M/s Sahu Sons & Interiors & builders Pvt. Ltd.u EPF Registration Certificate ନାହିଁ ଓ ଏ ସଂକ୍ରାନ୍ତରେ ସେ ଦାଖଲ କରିଥିବା Affaidavit ମଧ୍ଯ DTCN Prescribed format ଅନୁସାରେ ନୁହେଁ । M/s Sahu Sons & Interiors & builders Pvt. Ltd. ଦାଖଲ କରିଥିବା Tender Documents ରେ ଥିବା ଏହି ଭୁଲକୁ ଉଲ୍ଲେଖ କରି L2 Bider, Sri Manoj Kumar Bhuyan Complain ଦାଖଲ କରିଛନ୍ତି । ସେ ଏହା ମଧ ଜଣାଇଛନ୍ତି ଯେ, ଯଦି L1 bidder M/S Sahu Sons & Interiors & builders Pvt. Ltd. ଙ୍କ Tender Reject ହୋଇଯାଏ, ତେବେ ଅଭିଯୋଗକାରୀ ତଥା L2 Bider, Sri Manoj Kumar Bhuyan L1 Rate (@ 10.00% Less) ରେଏହି କାମଟିକୁ ସଂପାଦନ କରିବା ପାଇଁ ରାଜି ଅଛନ୍ତି । ଏହି ପରିପ୍ରେକ୍ଷୀରେ L1 Bider, M/s Sahu Sons & Interiors & builders Pvt. Ltd. Tender କୁ Reject କରି L2 Bider, Sri Manoj Kumar Bhuyanu Tender କୁ L1 Rate ରେ Accept କରିବା ସଂପର୍କରେ କମିଟିଙ୍କ ବିଚାର: -File No XXIX-Div-1- 1308/2014 ଟିପ୍ପଣୀ ପୃଷ୍ଠା-୯ ରୁ ୧୦ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୩- ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୪- ଭୁବନେଶ୍ୱର ମହାନଗର ନିଗମାଂଚଳ ୱାର୍ଡ଼ ନଂ-୫୩ (ପୁରୁଣା) Re-Construction of Road & Drain from near Mangala Temple to Res.of Ballav Nayak via Res. Of Trinath Nayak to Res of Gobardhan Nayak & fixing of slabs on Drain wall from Res of Munu Behera to Res. Of Sitin Panda at Old Town କାର୍ଯ୍ୟଟିକୁ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଚିଠି ସଂଖ୍ୟା-୧୪୪୩୮, ତା ୦୪.୭.୨୦୧୩ ରିଖରେ ଶ୍ରୀ ଦେବରାଜ ବେହେରା, ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ଉକ୍ତ କାର୍ଯ୍ୟଟି ତା ୧୧.୦୭.୨୦୧୩ ରିଖରେ ଆରମ୍ଭ କରି ତା ୧୦.୧୦.୨୦୧୩ ରିଖ ସୁଦ୍ଧା କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶ୍ରୀ ବେହେରା ପ୍ରାୟ ୫୦% କାର୍ଯ୍ୟ କରି ସାରିବା ପରେ କାର୍ଯ୍ୟ ବନ୍ଦ କରିଦେଇଥିଲେ ଏବଂ ସେ ତା ୦୧.୧୦.୨୦୧୩ ରିଖରୁ Infective Hepatities & Poly Arthrits ରୋଗରେ ପାଡ଼ିତ ଥିବା ଦର୍ଶାଇ ଡ଼ାକ୍ତରୀ ପ୍ରମାଣ ପତ୍ର ଦାଖଲ କରି ଅଛନ୍ତି ଏବଂ ସେ ରୋଗରେ ପାଡ଼ିତ ଥିବାରୁ ବଳକା କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ନିଜର ଅକ୍ଷମତା ପ୍ରକାଶ କରିଅଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ବେହେରାଙ୍କ ସହିତ ହୋଇଥିବା ଚୁକ୍ତିପତ୍ରକୁ ବନ୍ଦ (Close) କରିବା ସଂପର୍କରେ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା ୧୨ ତା ୨୭.୦୧.୨୦୧୫ ରିଖରେ ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ଶ୍ରୀ ବେହେରାଙ୍କ ସହିତ ହୋଇଥିବା ଚୁକ୍ତି ପତ୍ରକୁ ବନ୍ଦ କରାଯିବା ସହିତ ଅବଶିଷ୍ଟ କାର୍ଯ୍ୟ ପାଇଁ ଶ୍ରୀ ବେହେରାଙ୍କ ଠାରୁ OPWD Code ସର୍ତ ଅନୁଯାୟୀ ୨୦% Penalty ଆଦାୟ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା । ନଥି ନଂ XXIX- Div-II- 417/12 ଟିପ୍ପଣୀ ପୃଷ୍ଠା-୧୭ ରୁ ୧୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ବେହେରାଙ୍କ ଉପରେ ଧାର୍ଯ୍ୟ ହୋଇଥିବା Penality କମାଇବା ସଂପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୪- ଗତ ତା ୨୭.୦୧.୨୦୧୫ ରିଖ ନିର୍ଦ୍ଧାରଣ ସଂଖ୍ୟା-୧୨ ରେ ହୋଇଥିବା ନିଷ୍ପତି କାଏମ୍ ରଖିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୫- କାର୍ଯ୍ୟାଳୟ୍ ଯୋଗାଣ ଆଦେଶ ସଂଖ୍ୟା ୭୩୨୯ ତା ୨୪.୦୩.୨୦୧୫ ରିଖ ଅନୁଯାୟୀ Infonet Computer Solutions କୁ Wi-Fi devices ଯୋଗାଣ ପାଇଁ ନଥି ନଂ XXXXX (ITPMU)-2/2014 ଟିପ୍ପଣୀ ପୃଷ୍ଠା ୨୨

ରେ ଦିଆଯାଇଥିବା ନିର୍ଦ୍ଦେଶ ମତେ ଟ. ୬୩,୪୭୦/- (ତେଷଠି ହଜାର ଚାରି ଶହ ସତୁରୀ) ଟଙ୍କା ଦିଆଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସଂପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୫- ସର୍ବ ସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୬- Construction of low Cost Sanitation Unit (5 seated toilet Complex) in ward No-32 (old) କାର୍ଯ୍ୟପାଇଁ ଶ୍ରୀ ହିମାଂଶୁ ଭୂଷଣ ଚମ୍ପତିରାୟଙ୍କୁ, ଚୁକ୍ତିପତ୍ର-୨୨୮/ ତା ୧୬.୦୮.୨୦୧୨ ମତେ କାର୍ଯ୍ୟାଳୟ ପତ୍ର ସଂଖ୍ୟା -୧୭୮୯୬/ ତା ୧୭.୦୮.୨୦୧୨ ରିଖରେ କାର୍ଯ୍ୟାଦେଶ ଦିଆଯାଇଥିଲା । ଶ୍ରୀ ଚଂପତିରାୟ Core house କାର୍ଯ୍ୟ ସଂପାଦନ କରିବାପରେ, ସ୍ଥାନୀୟ ବାସିନ୍ଦା ଏହି କାର୍ଯ୍ୟକୁ ବିରୋଧ କରିବା ସଙ୍ଗେ ସଙ୍ଗେ, ସମସ୍ତଙ୍କର ନିଜସ୍ୱ ଶୌଚାଳୟ ଥିବାରୁ, unit ଟି ଉକ୍ତ କଲୋନୀରେ ପ୍ରତିଷ୍ଠାର ଆବଶ୍ୟକତା ନାହିଁ ଦର୍ଶାଇ ବହୁମାତ୍ରାରେ ବିରୋଧ କରିବାରୁ ।ଶ୍ରୀ ଚମ୍ପତିରାୟଙ୍କ ସପକ୍ଷରେ କାର୍ଯ୍ୟ କରିବା ସମ୍ଭବ ହୋଇପାରିଲା ନାହିଁ ।

ଇତି ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଯାଇଥିବାରୁ ଶ୍ରମିକ ମଜୁରୀ ଓ ସାମଗ୍ରୀ ମୂଲ୍ୟ ବଢିଯାଇଥିବାରୁ କାର୍ଯ୍ୟକରିବା ସମ୍ଭବପର ନୁହେଁ ଦର୍ଶାଇ ଶ୍ରୀ ଚମ୍ପତିରାୟ ତାଙ୍କ ସହିତ ହୋଇଥିବା ଚୁକ୍ତିକୁ ବନ୍ଦ (close) କରିବାପାଇଁ ଅନୁରୋଧ କରିଛନ୍ତି । ନଥି ନଂ XXIX-Div-II-136/11 ଟିପ୍ପଣୀ ପୃଷ୍ଠା-୧୫ ରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ଚମ୍ପତିରାୟଙ୍କ ସହିତ ଉପର ବର୍ଣ୍ଣିତ କାର୍ଯ୍ୟପାଇଁ ହୋଇଥିବା ଚୁକ୍ତିକୁ ବନ୍ଦ (close) କରିବାପାଇଁ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୬- ପ୍ରସ୍ତାବ ବର୍ଣ୍ଣିତ ପ୍ରକଳ୍ପ କିପରି ବ୍ୟବହାର କରାଯାଇ ପାରିବ ତାହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତି କ୍ରମେ ନିଗମର ନଗର ଯନ୍ତ୍ରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ପ୍ରସ୍ତାବ-୭- ଭୁବନେଶ୍ୱର ମହାନଗର ନିଗମ କର୍ମଚାରୀଙ୍କ ଦ୍ୱାରା ସଫେଇ ଓ ପରିମଳ କାର୍ଯ୍ୟ ୱାର୍ଡ୍ଗୁଡ଼ିକ ପାଇଁ Plastic dustbin ର ଆବଶ୍ୟକତା ଦୃଷ୍ଟିରୁ ନିଗମ ନିବିଦା ସଂଖ୍ୟା ୫୪୬୬ ତା ୨୮.୦୨.୨୦୧୫ ରିଖରେ ତିନିଗୋଟି ଖବରକାଗଜ ମାଧ୍ୟମରେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ୫ ଗୋଟି ସଂସ୍ଥା ସେମାନଙ୍କର ଦର ଦାଖଲ କରିଥିଲେ । ନଥି ନଂ XXXIVGS 1/15 ଟିପ୍ପଣୀ ପୃଷ୍ଠା-୧୮ରୁ ୨୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ ପତ୍ରାଳାପ ପୃଷ୍ଠା ୭୭ରେ ଉପସ୍ଥାପିତ ତୁଳନାତ୍ମକ ବିବରଣୀକୁ ଭିତିକରି Nilkamal Ltd ଙ୍କ ସର୍ବନିମ୍ନ ଦର ଗୋଟାପ୍ରତି ଟ୩୦୧୪/- ହିସାବରେ ୩୦୦ ଗୋଟି Plastic dustbin (240 Ltrs Capacity) ମୋଟ ମୂଲ୍ୟ ଟ୯, ୦୪, ୧୯୮/-ମାତ୍ରରେ ମାନ୍ୟବର ମେୟରଙ୍କ ଆଦେଶ ତଥା କମିଟିଙ୍କ ଅନୁମୋଦନ ପ୍ରତ୍ୟାଶାରେ Pre-delivery Inspection ହୋଇସାରିବା ପରେ କ୍ରୟ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୭- ସର୍ବ ସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୮- ଭୁବନେଶ୍ୱର ମହାନଗର କାର୍ଯ୍ୟାଳୟରେ ବ୍ୟବହାର ହେଉଥିବା କଂପ୍ୟୁଟର ଗୁଡ଼ିକ ପାଇଁ ୧୦୦ ଗୋଟି Anti virus କ୍ରୟ କରିବା ନିମନ୍ତେ କାର୍ଯ୍ୟାଳୟ Short Quotation Call Notice ସଂଖ୍ୟା ୭୭୬୧ ତା ୨୫.୦୩.୨୦୧୫ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ତଦନୁଯାୟୀ ୩ ଗୋଟି ସଂସ୍ଥା ସେମାନଙ୍କର ଦର ଦାଖଲ କରିଥିଲେ । ନଥି ନଂ XXXIVGS 14/15 ଟିପ୍ପଣୀ ପୃଷ୍ଠା ୭ରୁ ୧୧ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ ପତ୍ରାଳାପ ପୃଷ୍ଠା ୬୪ ରେ ଉପସ୍ଥାପିତ ତୁଳନାତ୍ମକ ବିବରଣୀ ଅନୁଯାୟୀ Tristar Software, Sahid Nagar, BBSR ସର୍ବନିମ୍ନ ଦର ଗୋଟା ପ୍ରତି ଟ ୧୦୫୦/- ମୋଟେ ୧୦୦ ଗୋଟି Anti virus ର ମୂଲ୍ୟ ୧, ୦୫, ୦୦୦/- ର ମାନ୍ୟବର ମେୟରଙ୍କ ଆଦେଶମତେ ତଥା କମିଟିଙ୍କ ଅନୁମୋଦନ ପ୍ରତ୍ୟାଶାରେ କ୍ରୟ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୮- ସର୍ବ ସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୯- ଭୁବନେଶ୍ୱର ମହାନଗର ନିଗମରେ ଭଡ଼ା ସୂତ୍ରରେ ବିଭିନ୍ନ ଠିକାଦାର ଗାଡ଼ି ଗୁଡ଼ିକ ନିୟୋଜିତ କରିବା ପାଇଁ QCN Notice No- 7335, dt.24.03.2015 ରେ ଦୈନିକ ଓଡ଼ିଆ ଖବର କାଗଜ 'ପ୍ରଗତିବାଦୀ ଓ ସମାଜ' ରେ ପ୍ରକାଶିତ ହୋଇଥିଲା । ଏହାକୁ ଭିତି କରି ମହାନ୍ତି ଟ୍ରାନ୍ସପୋର୍ଟ ଓ ପାଣି ଟ୍ରାଭେଲ୍ସ ଙ୍କ ନିବିଦା ଗ୍ରହଣ କରାଯାଇଥିଲା ଏବଂ ତୁଳନାତ୍ମକ ବିବରଣୀରେ ମହାନ୍ତି ଟ୍ରାନ୍ସପୋର୍ଟ ସର୍ବନିମ୍ନ ଦର ଦାଖଲ କରିଥିବାରୁ ନିଗମ ପତ୍ର ସଂଖ୍ୟା -୮୮୪୬ ତା ୧୩.୦୪.୨୦୧୫ ରିଖରେ ମହାନ୍ତି ଟ୍ରାନ୍ସପୋର୍ଟକୁ ବୁଝାମଣା (Negotiation) ପାଇଁ ଡ଼କାଯାଇଥିଲା । ଏହାର ତୁଳନାତ୍ମକ ବିବରଣୀ (Annexure-A) ଏଥି ସହ ସଂଲଗ୍ନ କରାଗଲା ଯାହାକି ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ଦର ଠାରୁ ୫% ଅଧିକ ଅଟେ । ଏହା ଉପରେ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା ୧୮ ତା ୨୮/୦୪/୨୦୧୫ ରିଖରେ ଅନୁମୋଦନ କରିଥିଲେ । କିନ୍ତୁ ଏହା ଅଧିକ ରେଟ୍ ହୋଇଥିବାରୁ ଏବଂ ଭବିଷ୍ୟତରେ ଅଡ଼ିଟି objection ସମ୍ଭାବନା ଥିବାରୁ ଏହାର ପୁନଃବିଚାର କରାଯିବା ସଂପର୍କରେ କମିଟିଙ୍କ ବିଚାର :-

(ପ୍ରକାଶ ଥାଉକି QCN No-4482, dt. 24.02.2015 ରେ ଭଡ଼ା ସୂତ୍ରରେ ଗାଡ଼ି ଲଗାଇବା ପାଇଁ କୋଟେସନକଲ୍ ହୋଇଥିଲା ଏବଂ ଏକ ଗୋଟି ନିବିଦା ଗ୍ରହଣ କରାଯାଇଥିବାରୁ ଏହାକୁ ନାକଚ କରାଯାଇଥିଲା ।)

ନଥି ନଂ XXXVI – 22/2013

ନିର୍ଦ୍ଧାରଣ-୯- ଭବିଷ୍ୟତରେ ଅଡ଼ିଟି objection କୁ ଦୃଷ୍ଟିରେ ରଖି ପ୍ରସ୍ତାବ ବର୍ଣ୍ଣିତ ମହାନ୍ତି ଟ୍ରାନ୍ସପୋର୍ଟ ଓ ପାଣି ଟ୍ରାଭେଲ୍ସ ଙ୍କୁ ସରକାରୀ ଧାର୍ଯ୍ୟ ଦରକୁ ଆସିବା ପାଇଁ ବୁଝାମଣା କରାଯିବ । ସେ ସରକାରୀ ଧାର୍ଯ୍ୟ ଦରକୁ ନ ଆସିଲେ ନିବିଦାକୁ ରଦ୍ଦ (cancel) କରାଯାଇ ପୁନଃ ନିବିଦା ଆହ୍ୱାନ କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା । ପ୍ରକାଶ ଥାଉକି Pool Vehicle System କରିବା ପାଇଁ ଅତିରିକ୍ତ କମିଶନରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ପ୍ରସ୍ତାବ -୧୦. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ବୈଦ୍ୟୁତିକ /ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ ଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1 | Provision of Street light to different location of ward No.-65<br>File No.-XXVII 03/2015 | 9,31,394.00 | 9,77,964.00 | M/S Techno Electronic | 5.00% |
| 2 | Electrical Wiring and Installation of B.M.C. office Building at Bhawani Mall Saheed Nagar<br>File No.-XXVII 89/2015 | 8,93,795.00 | 9,34,016.00 | M/S Indo Electrical | 4.50% |
| 3 | Installation of Poles with SV lights in Ward No.-10<br>File No.-XXVII 34/2015 | 9,47,924.00 | 9,64,987.00 | M/S Parsuram Dikhit | 1.80% |
| 4 | Provision of Street light to different location of ward No.-47<br>File No.-XXVII 18/2015 | 9,84,401.00 | 10,19,840.00 | M/S Parsuram Dikhit | 3.6% |
| 5 | Installation of Poles with SV lights in Ward No.-27<br>File No.-XXVII 44/2015 | 9,31,929.00 | 9,78,526.00 | M/S Techno Electronic | 5.00% |
| 6 | Provision of Street light from Phul Nakhara Junction to CESU Office on Phul Nakhara Niali road<br>File No.-XXVII 31/2015 | 7,60,689.00 | 7,98,723.00 | M/S Swastik Engineering | 5.00% |
| 7 | Provision of Street light to different location of ward No.-51<br>File No.-XXVII 01/2015 | 5,49,497.00 | 5,76,972.00 | M/S Techno Electronic | 5.00% |
| 8 | Supply & Installation of HPSV fitting in different location of ward No.-45<br>File No.-XXVII 116/2014 | 2,40,865.00 | 2,52,884.00 | M/S Techno Electronic | 4.99% |
| 9 | Provision for Pole & fittings in DHPL Sahoo & Complex Chhak to Sai Apartment in ward No.-09<br>File No.-XXVII 42/2015 | 2,94,643.00 | 3,00,270.00 | M/S Techno Electronic | 1.91% |
| 10 | Provision of Street light to different location of ward | | | M/S Techno | 5.00% |

| | | | | | |
|---|---|---|---|---|---|
| | No.-49 with one 12.5 Mtr. Mini High Most File No.-XXVII 15/2015 | 10,46,372.00 | 10,98,691.00 | Electronic | |
| 11 | Provision of High Mast Light and Installation of Pole with SV lights in ward No.-06 File No.-XXVII 121/2014 | 9,55,226.00 | 9,98,211.00 | M/S Swastik Engineering | 4.50% |
| 12 | Repair of 3 Nos. existing RCC road building and const. of Compound Wall of Community Center premises Unit-8 in ward No.-47 File No.-XXIX-D-II-56/2015 | 25,79,999=63 | 27,06,420.00 | D.K. Panda | 4.90% W.B 2015-16 |
| 13 | Construction of drain with Cover Slab from Qtr- No. 2RA 10/13 to Qtr- No. E/38 in ward No.-48 File No.-XXIX-D-II-232/2014 | 11,55,528.00 | 12,12,149.00 | Himansu Bhusan Champatiray | 4.90% BMC Fund |
| 14 | Repairing of B-T road & Concreet Widening of road from Dibyaprava Apartment to B.B. Dhal House in ward No.-55 File No.-XXIX-D-II-415/2015 | 9,36,441=33 | 9,82,327.00 | Tapan Kumar Pradhan | 4.90% W.B 2014-15 |
| 15 | Construction of road from Plot No. 337/395 to Plot No. 1738 at Baramunda Village in ward No.-50 File No.-XXIX-D-I-1093/2014 | 10,07,157.00 | 10,57,011.00 | Dasarathi Praharaj | 4.95% W.B 2014-15 |
| 16 | Construction of Retaining wall of road near Khetrabasi Pradhan House at Banguary in ward No.-04 File No.-XXIX-D-I-1222/2014 | 8,51,403.00 | 8,92,271.00 | Sri Sukanta Kumar Barik | 4.80% W.B 2014-15 |
| 17 | Construction of road at Swain Sahi & Melak Sahi & Drain from Jagulai Club to Bharat Sahoo Sudam ch. Sahoo & Nabaghan Sahoo House at Nakhara in Ward No.- 04 File No.-XXIX-D-I-1278/2014 | 28,81,995.00 | 30,20,331.00 | Sri Durga Charan Sasmal | 4.80% W.B 2014-15 |

ନିର୍ଦ୍ଧାରଣ -୧୦. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୧, ୨,୩, ୫,୬,୭,୮,୯,୧୧,୧୪ ଓ ୧୬ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ଲିଖିତ ମତେ ସର୍ବ ନିମ୍ନ ଦରଦାତାଙ୍କର ସର୍ବ ନିମ୍ନ ବୁଝାମଣାକୃତ ଦର ସର୍ବସମ୍ମତି କ୍ରମେ ଗ୍ରହଣ / ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ.- ୪,୧୦,୧୨,୧୩,୧୫ ଓ ୧୭ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ଅଟକଳ ପରିମାଣ ଓ ସଂପୃକ୍ତ କାର୍ଯ୍ୟର ପାର୍ଶ୍ୱଲିଖିତ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣାକୃତ ଦର ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ OMC Act-2003 ର ଧାରା-277(2)(d) ମତେ ଗ୍ରହଣ / ଅନୁମୋଦନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ -୧୧. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ବୈଦ୍ୟୁତିକ /ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ ଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ସର୍ତ ଅନୁଯାୟୀ ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1 | Imp. Of road & drain at Lane-5 Jayadev Vihar in Ward No.- 26 File No.- XXIX 1009/14 | 30,36,853.00 | 25,81,629.00 | Pitabash Rout | _ 14.99% W.B 2014-15 Rs.19.954 Lakhs W.B 2015-16 Rs.10.415 Lakhs |
| 2 | Constn. of R.C.C. drain inside Santipalli Basti Saheed Nagar in Ward No.- 34 File No.- XXIX- D-II-95/14 | 24,86,358=86 | 22,07,887.00 | P.K. Kandi | _ 11.2% W.B 2015-16 |
| 3 | Improvement of road from Harihar Apartment to C/M -28 Via Plot No-4759/6105 at V.S.S. Nagar Nagar in Ward No.- 11 File No.- XXIX- D-I-1444/2012 | 21,04,132.00 | 17,88,722.00 | Sri Ajaya Kumar Sethi | _ 14.99% W.B 2014-15 |
| 4 | Constn. of road from Plot No. 144/C – 3 to 149/C-2 and Const. of drain from Plot No. 149/ C-3 to 149/ C-1 ( Kishore Kumar Patnaik to Pratignya Ranjan Kanungo) in Ward No.- 58 File No.- XXIX- D-II-370/2014 | 7,92,951.00 | 7,01,365.00 | Prasanta Kumar Kandi | 11.55% W.B 2014-15 |
| 5 | Constn. of R.C.C. drain with Cover Slab from Qtr type- II 6/6 Qtr No. 2/1 to Qtr No. 1/1 at Unit- III in Ward No.- 40 File No.- XXIX- D-II-196/2014 | 13,49,054=76 | 11,89,866.00 | Prasanta Kumar Kandi | 11.08% W.B 2015-16 |
| 6 | Fixing of Slab and repair of drain in front of Plot No. F-36 to Plot No. H-05 at BJB Nagar in Ward No.- 56 File No.- XXIX- D-II-372/2014 | 4,28,962.00 | 3,64,660.00 | Dhruti Sunder Behera | 14.99% BMC Fund |
| 7 | Provision of Street Light to different location of Ward No.- 57 File No.- XXVII-175/2014 | 9,66,465.00 | 9,37,471.00 | M/S Ankit Electricals | 3.0% |
| 8 | Provision of Street Light to different location of | 10,04,759.00 | 9,74,617.00 | M/S Ankit | 3.0% |

| | | | | | |
|---|---|---|---|---|---|
| | Ward No.- 44<br>File No.- XXVII- 07/2015 | | | Electricals | |
| 9 | Provision of Street Light to different location of Ward No.- 56<br>File No.- XXVII- 13/2015 | 7,98,596.00 | 7,74,638.00 | M/S Ankit Electricals | 3.0% |
| 10 | Provision of Street Light to different location of Ward No.- 52<br>File No.- XXVII- 08/2015 | 9,07,552.00 | 9,06,644.00 | M/S modern Winding & Electricals | 0.1% |
| 11 | Provision of Street Light to different location of Ward No.- 60<br>File No.- XXVII- 45/2015 | 8, 98,191.00 | 8,71,245.00 | M/S Ankit Electricals | 3.0% |
| 12 | Provision of Street Light to different location of Ward No.- 53<br>File No.- XXVII- 19/2015 | 9,57,982.00 | 9,22,537.00 | M/S Parsuram Dikhit | 3.07% |
| 13 | Provision of Street Light to different location of Ward No.- 67<br>File No.- XXVII- 92/2015 | 9,83,887.00 | 9,54,370.00 | M/S Ankit Electricals | 3.0% |
| 14 | Installation of Poles with SV light in Ward No.- 21<br>File No.- XXVII- 37/2015 | 9,45,912.00 | 8,92,941.00 | M/S Swastik Engineering | 5.6% |
| 15 | Installation of Poles with SV light in Ward No.- 25<br>File No.- XXVII- 40/2015 | 9,40,456.00 | 9,12,242.00 | M/S modern Winding & Electricals | 3.0% |
| 16 | Provision of Street Light to different location of Ward No.- 55<br>File No.- XXVII- 46/2015 | 9,65,207.00 | 9,36,251.00 | M/S Ankit Electricals | 3.0% |
| 17 | Installation of Poles with SV lights from Raghaba Jena Service Station to Siva Shakti Club and Jharapada Pry. School to Jail Chhaka in Ward No.- 32<br>File No.- XXVII- 98/2015 | 9,59,945.00 | 9,31,147.00 | M/S Ankit Electricals | 3.0% |
| 18 | Constn. Of road from Plot No. AL-1 to AL- 168 and Seba Siba Mahila Samiti Lane at Bhimtangi in Ward No.- 58 at present Ward No.- 61<br>File No.- XXIX- D- II- 21/2014 | 37,20,628.00 | 33,11,731.00 | Sri Rohini Nandan Behera | 10.99%<br>Urban Asset Creation Fund 2012-13 |

ନିର୍ଦ୍ଧାରଣ -୧୧. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୭ ଠାରୁ ୧୭ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟ ଗୁଡିକର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବ ନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ସର୍ବସମ୍ମତି ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୪ ଓ ୬ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବ ନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର OPWD Code ଅନୁ

ସର୍ତ୍ତ ମୂଳକ ଭାବେ ସର୍ବସମ୍ମତି କ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

କ୍ର.ନଂ-୧, ୨,୩,୫ ଓ ୧୮ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟ ଗୁଡିକର ପାଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣା କୃତ ଦର ଲକ୍ଷ ଟଙ୍କା ରୁ ଅଧିକ ହୋଇଥିବାରୁ ଏବଂ ଅଟକଳ ମୂଲ୍ୟ ଠାରୁ ୧୦% ରୁ ଅଧିକ କମ୍ (Less) ହୋଇଥିବାରୁ OMC Act-2003 ର ଧ 277(2)(d) ମତେ ଓ OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ପାଇଁ ସର୍ବସମ୍ମତିକ୍ରମେ କର୍ପୋରେସନକୁ ସୁପ କରାଗଲା ।

ପ୍ରସ୍ତାବ -୧୨. କାର୍ଯ୍ୟାଳୟ ଯୋଗାଣ ଆଦେଶ ସଂଖ୍ୟା ୭୦୪୫ ତା ୨୦.୦୩.୨୦୧୫ ରିଖ ଅନୁଯାୟୀ T soft Technologies କୁ ଇନ୍‌ଟରନେଟ୍ ଡ଼ିଭାଇସ୍ ବାବଦରେ Security Value Subscription ଯୋଗାଣ ପାଇଁ ନଥି ନଂ XXXXX (ITPMU) – 7/2015 ଟିପ୍ପଣୀ ପୃଷ୍ଠା ୬ ରୁ ୧୦ ମଧରେ ଦିଆଯାଇଥିବା ନିର୍ଦ୍ଦେଶ ମତେ ୩ ବର୍ଷ ପାଇଁ Rs. 90,000/- (ନବେ ହଜାର ଟଙ୍କା) ଦିଆଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧୨. ସର୍ବ ସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ଦ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧୨.୨୦ ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ବା- ଅନନ୍ତ ନାରାୟଣ ଜେନା
ସଭାପତି
ତା ୨୮.୦୫.୨୦୧୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 16.05.2015 ରିଖ

ସମୟ - ପୂର୍ବାହ୍ନ ଘ.11.00 ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ସମୀର ପ୍ରଧାନ, ଚେୟାରମ୍ୟାନ୍,
୨. ଶ୍ରୀ ସୁଜିତ୍ କୁମାର ସ୍ୱାଇଁ,
୩. ଶ୍ରୀମତୀ ବାସନ୍ତି ସିଂ,
୪. ଶ୍ରୀ ହରିଶ୍ ଚନ୍ଦ୍ର ମୁର୍ମୁ,
୫. ଶ୍ରୀମତୀ ଝୁନିବାଳା ଦେଈ,
୬. ଶ୍ରୀ ସୌଭାଗ୍ୟ ବାରିକ,
୭. ଶ୍ରୀ ଦେବୀ ପ୍ରସାଦ ମଲ୍ଲିକ,

ଅଦ୍ୟ ତା 16.05.2015 ରିଖ ପୂର୍ବାହ୍ନ ଘ.11.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ସମୀର ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ -୧. ସ୍ୱର୍ଗତ ଶତ୍ରୁଘ୍ନ ଘଡ଼େଇ, ଭୁବନେଶ୍ୱର ମହାନଗର ନିଗମରେ ଜଣେ ସ୍ଥାୟୀ ଝାଡୁଦାର କର୍ମଚାରୀ ଥିଲେ । ସେ ଗତ ତା ୨୮.୦୨.୨୦୦୮ ରିଖ ଦିନ ଚାକିରୀରେ ଥାଇ ମୃତ୍ୟୁବରଣ କରିଥିଲେ । ସେ ଚାକିରୀ ଥାଇ ମୃତ୍ୟୁ ବରଣ ଥିବାରୁ ତାଙ୍କର ପୁଅ ପ୍ରସାନ୍ତ କୁମାର ଘଡ଼େଇ ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ନୟାଗଡ଼ ତାଙ୍କର ପତ୍ର ସଂ ୧୫୨୫/୨୮.୦୮.୧୪ ରିଖରେ distress Certificate ପ୍ରଦାନ କରିଛନ୍ତି । ନଥି ନଂ XXVI-52/15 ଟିପ୍ପଣୀ ପୃଷ୍ଠା ୧ ଠାରୁ ୫ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ପ୍ରସାନ୍ତ କୁମାର ଘଡ଼େଇଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରୀରେ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସ୍ୱର୍ଗତ ଫକୀର ନାଏକ, ଭୁବନେଶ୍ୱର ମହାନଗର ନିଗମରେ ଜଣେ ସ୍ଥାୟୀ ଜମାଦାର କର୍ମଚାରୀ ଥିଲେ । ସେ ଗତ ତା ୧୧.୦୭.୨୦୧୪ ରିଖ ଦିନ ଚାକିରୀରେ ଥାଇ ମୃତ୍ୟୁବରଣ କରିଥିଲେ । ସେ ଚାକିରୀରେ ଥାଇ ମୃତ୍ୟୁ ବରଣ କରିଥିବାରୁ ତାଙ୍କର ପୁଅ ଶ୍ରୀ ନାରାୟଣ ଚନ୍ଦ୍ର ନାଏକ ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ନୟାଗଡ଼ ତାଙ୍କର ପତ୍ର ସଂ ୬୬୯/୨୫.୦୩.୨୦୧୫ ରିଖରେ distress Certificate ପ୍ରଦାନ କରିଛନ୍ତି । ନଥି ନଂ XXVI-106/15 ଟିପ୍ପଣୀ ପୃଷ୍ଠା ୧ ଠାରୁ ୩ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ନାରାୟଣ ଚନ୍ଦ୍ର ନାଏକ ଙ୍କ ଚାକିରୀରେ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସ୍ୱର୍ଗତ ଗୟା ବେହେରା, ଭୁବନେଶ୍ୱର ମହାନଗର ନିଗମରେ ଜଣେ ସ୍ଥାୟୀ ଝାଡୁଦାର କର୍ମଚାରୀ ଥିଲେ । ସେ ଗତ ୧୪.୦୧.୨୦୧୨ ରିଖ ଦିନ ମୃତ୍ୟୁବରଣ କରିଥିଲେ । ସେ ଚାକିରୀ ଥାଇ ତାଙ୍କର ମୃତ୍ୟୁ ଘଟିଥିବାରୁ ତାଙ୍କର ପୁଅ ସଂଜୟ କୁମାର ବେହେରା ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ନୟାଗଡ଼ ତାଙ୍କର ପତ୍ର ସଂ ୧୯୫୯/୨୯.୧୧.୨୦୧୪ ରିଖରେ distress Certificate ପ୍ରଦାନ କରିଛନ୍ତି । ନଥି ନଂ XXVI-89/15 ଟିପ୍ପଣୀ ପୃଷ୍ଠା ୧ ଠାରୁ ୬ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ସଂଜୟ କୁମାର ବେହେରାଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରୀରେ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ପ୍ରସ୍ତାବ-୪.** ସ୍ୱର୍ଗତ ପାଣୁ ନାଏକ, ଭୁବନେଶ୍ୱର ମହାନଗର ନିଗମରେ ଜଣେ ସ୍ଥାୟୀ ଜମାଦାର କର୍ମଚାରୀ ଥିଲେ । ଗତ ତା ୨୩.୦୭.୨୦୧୨ ରିଖ ଦିନ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଚାକିରୀରେ ଥାଇ ମୃତ୍ୟୁ ହୋଇ ଥିବାରୁ ତାଙ୍କର ପୁଅ ଶ୍ରୀ ପ୍ରଶାନ୍ତ ନାଏକ ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ନୟାଗଡ଼ ତାଙ୍କର ପତ୍ର ସଂ ୩୪୨/୧୦.୦୨.୨୦୧୫ ରିଖରେ distress Certificate ପ୍ରଦାନ କରିଛନ୍ତି । ନଥି ନଂ XXVI-92/15 ଟିପ୍ପଣୀ ପୃଷ୍ଠା ୧ ଠାରୁ ୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ପ୍ରଶାନ୍ତ ନାଏକଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରୀରେ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ନିମନ୍ତେ କମିଟିଙ୍କ ବିଚାର :-

**ନିର୍ଦ୍ଧାରଣ-୪.** ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ପ୍ରସ୍ତାବ-୫.** ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଡି.ଏଲ୍.ଆର.-୩୫୪ ଜଣ ଓ ସି.ଏଲ୍.ଆର.-୭୫୮ ଜଣ କାର୍ଯ୍ୟ କରିଆସୁଛନ୍ତି । କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୫), ତା ୩୧.୭.୨୦୧୪ ରିଖ ଅନୁସାରେ ସେମାନଙ୍କ ନିୟୋଜନ ସମୟ ସୀମା ତା୦୧.୧.୨୦୧୪ ରିଖ ଠାରୁ ତା ୧.୧୨.୨୦୧୪ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ଏବଂ ସେମାନଙ୍କ ନିୟୋଜନର ଜରୁରୀ ଆବଶ୍ୟକତା ଦର୍ଶାଇ ରାଜ୍ୟ ସରକାରଙ୍କ ଠାରୁ ସେମାନଙ୍କ ନିୟୋଜନର କାର୍ଯ୍ୟୋତର ମଞ୍ଜୁରୀ ଆଣିବା ନିମନ୍ତେ ଆଇନ୍ ଅନୁଯାୟୀ ନିଗମ ତରଫରୁ ପତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ କରି ଏ ଦିଗରେ ତ୍ୱରାନ୍ୱିତ ପଦକ୍ଷେପ ନେବା ନିମନ୍ତେ ମ୍ୟୁନିସିପାଲ କମିଶନରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ତଦନୁଯାୟୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା- ୧୪୪୨୫, ତା ୨୧.୧୦.୨୦୧୪ ରିଖରେ କାର୍ଯ୍ୟରତ ଡି.ଏଲ୍.ଆର.ଓ ସି.ଏଲ୍.ଆର.ଙ୍କ ନିୟୋଜନ ଚାଲୁ ରଖିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଥିଲା । କିନ୍ତୁ ଏ ସଂପର୍କ ଅଦ୍ୟାବଧି ରାଜ୍ୟ ସରକାରଙ୍କ ଠାରୁ ଅନୁମତି ମିଳିନାହିଁ ।

ଏମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ସଂଖ୍ୟକ କର୍ମଚାରୀ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ହୋଇଅଛନ୍ତି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଅସ୍ଥାୟୀ କର୍ମଚାରୀମାନେ ମଧ ନିଗମ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗର ଜରୁରୀ କାର୍ଯ୍ୟରେ ନିୟୋଜିତ ହୋଇଅଛନ୍ତି । ଏମାନଙ୍କ ବ୍ୟତୀତ ସହରର ପରିଷ୍କାର ପରିଚ୍ଛନ୍ନ ଓ ନିଗମ କାର୍ଯ୍ୟାଳୟର ଜରୁରୀ ଆବଶ୍ୟକ କାର୍ଯ୍ୟ ଗୁଡିକରେ ବାଧା ସୃଷ୍ଟି ହେବ । ସେମାନଙ୍କ ନିୟୋଜନକୁ ଅନୁମୋଦନ ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ବାରମ୍ବାର ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଥିଲେ ମଧ ରାଜ୍ୟ ସରକାରଙ୍କ ଠାରୁ କୌଣସି ପ୍ରତିତୋର ଏଯାବତ୍ ହସ୍ତ ଗତ ହୋଇ ନାହିଁ । ନଥି ନଂ-XXI-17/15 ଟିପ୍ପଣୀ ପୃଷ୍ଠା-୨୯ ରୁ ୩୨ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଡି.ଏଲ୍.ଆର.-୩୫୪ ଜଣ ଓ ସି.ଏଲ୍.ଆର.-୭୫୮ ଜଣଙ୍କ ନିୟୋଜନ ସମୟ ସୀମା (Term of Engagement) ତା ୦୧.୧.୨୦୧୫ ରିଖ ଠାରୁ ତା ୩୧.୧୨.୨୦୧୫ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଚାର :-

**ନିର୍ଦ୍ଧାରଣ-୫.** ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ପ୍ରସ୍ତାବ-୬.** ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

**ନିର୍ଦ୍ଧାରଣ-୬(୧).** ଭୁବନେଶ୍ୱର ମହାନଗର ନିଗମ କ୍ୱାଟର ଗୁଡ଼ିକ କେତେକ ବ୍ୟକ୍ତି/ ଅବସରପ୍ରାପ୍ତ କର୍ମଚାରୀ ମାଡ଼ି ବସିଛନ୍ତି, ଇଷ୍ଟେଟ୍ ଅଫିସର ନିଯୁକ୍ତି କରାଯାଇ ଏହି କ୍ୱାଟର ଗୁଡ଼ିକ ଖାଲିକରି ନିଗମ ଅଧିନକୁ ଆଣିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ନିର୍ଦ୍ଧାରଣ-୬(୨).** ନିଗମର କର୍ପୋରେସନ ଉପବିଭାଗରେ କାର୍ଯ୍ୟରତ ଓଡ଼ିଆ କମ୍ପ୍ୟୁଟର ସହାୟକ ଅସୁସ୍ଥତା ଯୋଗୁଁ ଦୀର୍ଘଦିନ ଛୁଟିରେ ଅଛନ୍ତି । କାର୍ଯ୍ୟର ଜରୁରୀ ଆବଶ୍ୟକତା ଓ ଗୁରୁତ୍ୱ ଦୃଷ୍ଟିରୁ ଆଉ ଜଣେ ଓଡ଼ିଆ କମ୍ପ୍ୟୁଟର ସହାୟକ ରଖିବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ନିର୍ଦ୍ଧାରଣ-୬(୩).** ଭୁବନେଶ୍ୱର ମହାନଗର ନିଗମରେ ୪(ଚାରି)ଜଣ ଅବସରପ୍ରାପ୍ତ OAS Officer କାର୍ଯ୍ୟରତ ଅଛନ୍ତି । ସେମାନଙ୍କୁ ଅଧିକ ଦାୟିତ୍ୱ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.35 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା- ସମୀର ପ୍ରଧାନ

ସଭାପତି

ତା ୧୬.୦୫.୨୦୧୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ୍  ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 18.05.2015 ରିଖ.

ସମୟ- ପୂର୍ବାହ୍ନ ଘ. 11.00ଟିକା
ସ୍ଥାନ- ଷ୍ଟାଣ୍ଡିଂ କମିଟି ସଭା ଗୃହ.

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ଛବି ଦାଶ, ଚେୟାରପରସନ୍
୨. ଶ୍ରୀମତୀ ପ୍ରତିମା ରାଉତରାୟ,
୩. ଶ୍ରୀମତୀ ପୁଷ୍ପାଞ୍ଜଳି ସେଠୀ
୪. ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ,
୫. ଶ୍ରୀମତୀ ସୂର୍ଯ୍ୟକାନ୍ତି ଜେନା

ଅଦ୍ୟ ତା 18.05.2015 ରିଖ ପୂର୍ବାହ୍ନ ଘ. 11.00ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ଛବି ଦାଶ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା କରାଯାଇ ନିମ୍ନ ମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ -୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁ ବିଧବା, ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ବ୍ୟକ୍ତି ଭତା ପାଉ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେମାନଙ୍କୁ ଭତା ଦେବାପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.15 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା- ଛବି ଦାଶ
ସଭାପତି
ତା ୧୮.୦୫.୨୦୧୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା -୧୨୭୨୮ ତା ୦୩.୦୭.୨୦୧୫ ରିଖ

ପ୍ରାପ୍ରେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱର

ବିଷୟ :- ଭୁବନେଶ୍ୱର ମହାନଗର ନିଗମର ତା ୨୯.୦୫.୨୦୧୫ ରିଖ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧେ ।

ମହାଶୟ/ମହାଶୟା,

ଭୁବନେଶ୍ୱର ମହାନଗର ନିଗମର ତା ୨୯.୦୫.୨୦୧୫ ରିଖ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ - ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୧୨୭୨୯ ତା ୦୩.୦୭.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେପୁଟି ମେୟର/ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୨୭୩୦ ତା ୦୩.୦୭.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୨୭୩୧ ତା ୦୩.୦୭.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ଅଭିଯୋଗ ପ୍ରକୋଷ୍ଠ / ମ୍ୟୁନିସପାଲ କମିଶନର/ ଡେପୁଟି କମିଶନର/ ନଗର ଯନ୍ତ୍ରୀ /ଉପ ସଚିବ/ ନିର୍ବାହୀ ଯନ୍ତ୍ରୀ ଡିଭିଜନ ନଂ -୧/ନିର୍ବାହୀ ଯନ୍ତ୍ରୀ ଡିଭିଜନ ନଂ -୨/ D.C. Establishment/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ପୌର ମୁଖ୍ୟ ଚିକିତ୍ସାଧିକାରୀ/ ପରିସଂଖ୍ୟାନ ଅଧିକାରୀ / D.C.Project/ D.C. Recovery/ ସହକାରୀ ବିଧି ଅଧିକାରୀ/ D.C.I.T/ ଚିଫ୍ ଅଡିଟର / ଏନ୍‌ଭିରନମେଂଟ ଅଧିକାରୀ /ମୁଖ୍ୟ ସହାୟକ ସମୂହ/ହିସାବ ରକ୍ଷକ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୯.୦୫.୨୦୧୫ ରିଖ ✱ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✱ ସ୍ଥାନ: ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ:*

| | |
|---|---|
| ୧. ଅନନ୍ତ ନାରାୟଣ ଜେନା | ମେୟର |
| ୨. କେ. ଶାନ୍ତି | ଡେପୁଟି ମେୟର |
| ୩. ମମତା ରାଉତ | ୱାର୍ଡ ନଂ-୦୧ |
| ୪. ହରିଶ୍ ଚନ୍ଦ୍ର ମୁର୍ମୁ | ୱାର୍ଡ ନଂ-୦୨ |
| ୫. ଯୟନ୍ତି ଜେନା | ୱାର୍ଡ ନଂ-୦୩ |
| ୬. ଗାୟତ୍ରୀ ଲେଙ୍କା | ୱାର୍ଡ ନଂ-୦୪ |
| ୭. ନିର୍ମଳ ଚନ୍ଦ୍ର ରାଉତ | ୱାର୍ଡ ନଂ-୦୫ |
| ୮. ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୯. ସ୍ୱର୍ଣ୍ଣପ୍ରଭା ରାୟ | ୱାର୍ଡ ନଂ-୦୭ |
| ୧୦. ମୋନାଲିସା ସାହୁ | ୱାର୍ଡ ନଂ-୦୮ |
| ୧୧. ସୂର୍ଯ୍ୟକାନ୍ତି ଜେନା | ୱାର୍ଡ ନଂ-୦୯ |
| ୧୨. ପ୍ରଣତି ନାୟକ | ୱାର୍ଡ ନଂ-୧୦ |
| ୧୩. ରଶ୍ମିତା ମହାନ୍ତି | ୱାର୍ଡ ନଂ-୧୧ |
| ୧୪. ସଞ୍ଜୟ କୁମାର ସେଠୀ | ୱାର୍ଡ ନଂ-୧୨ |
| ୧୫. ସୌଭାଗ୍ୟ ବାରିକ | ୱାର୍ଡ ନଂ-୧୩ |
| ୧୬. ଦେବୀ ପ୍ରସାଦ ମଲ୍ଲିକ୍ | ୱାର୍ଡ ନଂ-୧୪ |
| ୧୭. ସମୀର ପ୍ରଧାନ | ୱାର୍ଡ ନଂ-୧୫ |
| ୧୮. ଭାରତୀ ସିଂ | ୱାର୍ଡ ନଂ-୧୬ |
| ୧୯. ସୁକାନ୍ତି ସୁବୁଦ୍ଧି | ୱାର୍ଡ ନଂ-୧୮ |
| ୨୦. ଜ୍ୟୋତ୍ସ୍ନାରାଣୀ ରାଉତରାୟ | ୱାର୍ଡ ନଂ-୧୯ |
| ୨୧. ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୧ |
| ୨୨. ହରେକୃଷ୍ଣ ନାୟକ | ୱାର୍ଡ ନଂ-୨୨ |
| ୨୩. ଦିଲ୍ଲିପ କୁମାର ମାଝୀ | ୱାର୍ଡ ନଂ-୨୩ |
| ୨୪. ହରପ୍ରିୟା ସାହୁ | ୱାର୍ଡ ନଂ-୨୪ |
| ୨୫. ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୬. ଝୁନୀବାଳା ଦେଇ | ୱାର୍ଡ ନଂ-୨୬ |
| ୨୭. ପ୍ରତିମା ରାଉତରାୟ | ୱାର୍ଡ ନଂ-୨୭ |
| ୨୮. ପୁଷ୍ପାଞ୍ଜଳି ଦାସ | ୱାର୍ଡ ନଂ-୨୮ |
| ୨୯. ସେଖ୍ ନିଜାମ ଉଦ୍ଦିନ୍ | ୱାର୍ଡ ନଂ-୨୯ |
| ୩୦. ଶାଶ୍ୱତୀ ମିଶ୍ର | ୱାର୍ଡ ନଂ-୩୦ |
| ୩୧. କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୨. ସୁଷମା ଜେନା | ୱାର୍ଡ ନଂ-୩୨ |
| ୩୩. ସୁରେଶ ଚନ୍ଦ୍ର ଜେନା | ୱାର୍ଡ ନଂ-୩୩ |
| ୩୪. ଭାନୁପ୍ରିୟା ଦାସ | ୱାର୍ଡ ନଂ-୩୪ |
| ୩୫. ଦେବାଶିଷ ସିଟ୍ | ୱାର୍ଡ ନଂ-୩୫ |
| ୩୬. ନରେନ୍ କୁମାର ସାହୁ | ୱାର୍ଡ ନଂ-୩୬ |
| ୩୭. ନବ କିଶୋର ବେହେରା | ୱାର୍ଡ ନଂ-୩୭ |
| ୩୮. ନିଖିଳ କୁମାର ବଳବନ୍ତରାୟ | ୱାର୍ଡ ନଂ-୩୮ |
| ୩୯. ପ୍ରତିଭା ସାମନ୍ତରାୟ | ୱାର୍ଡ ନଂ-୩୯ |
| ୪୦. ରାମଚନ୍ଦ୍ର ପ୍ରଧାନ | ୱାର୍ଡ ନଂ-୪୦ |
| ୪୧. ମମତା ସାହୁ | ୱାର୍ଡ ନଂ-୪୧ |
| ୪୨. ପୁଷ୍ପାଞ୍ଜଳି ସେଠୀ | ୱାର୍ଡ ନଂ-୪୨ |
| ୪୩. ରାଜଲକ୍ଷ୍ମୀ ନାଏକ | ୱାର୍ଡ ନଂ-୪୩ |
| ୪୪. ରଚନା ପାଢସାହାଣୀ | ୱାର୍ଡ ନଂ-୪୪ |
| ୪୫. ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୬. ପ୍ରଣବ କିଶୋର ସ୍ୱାଇଁ | ୱାର୍ଡ ନଂ-୪୬ |
| ୪୭. ନିହାର ରଞ୍ଜନ ସାହୁ | ୱାର୍ଡ ନଂ-୪୮ |
| ୪୮. ଅଶ୍ୱିନୀ କୁମାର ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୯. ସୁଜିତ୍ କୁମାର ସ୍ୱାଇଁ | ୱାର୍ଡ ନଂ-୫୦ |
| ୫୦. ବିନୟନୀ ଜେନା | ୱାର୍ଡ ନଂ-୫୧ |
| ୫୧. ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୫୨. ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୩. ରଶ୍ମିତା ମହାପାତ୍ର | ୱାର୍ଡ ନଂ-୫୪ |
| ୫୪. ସିମା ନାୟକ | ୱାର୍ଡ ନଂ-୫୫ |
| ୫୫. ବନ୍ଦନା ସାହୁ | ୱାର୍ଡ ନଂ-୫୭ |
| ୫୬. ପୁଷ୍ପା ଦାସ | ୱାର୍ଡ ନଂ-୫୮ |
| ୫୭. ବିରଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୮. ଦୀପ୍ତିମୟୀ ସମର୍ଥା | ୱାର୍ଡ ନଂ-୬୦ |
| ୫୯. ଅନିତାରାଣୀ ମହାନ୍ତି | ୱାର୍ଡ ନଂ-୬୧ |
| ୬୦. ହୃଦୟ ବଲ୍ଲଭ ସାମନ୍ତରାୟ | ୱାର୍ଡ ନଂ-୬୨ |
| ୬୧. ରଘୁନାଥ ମହାନ୍ତି | ୱାର୍ଡ ନଂ-୬୩ |
| ୬୨. ମୁଜାହିଦ୍ ହୁସେନ୍ | ୱାର୍ଡ ନଂ-୬୪ |
| ୬୩. ଜ୍ୟୋତ୍ସ୍ନାମୟୀ ଜେନା | ୱାର୍ଡ ନଂ-୬୫ |
| ୬୪. ଛବି ଦାଶ | ୱାର୍ଡ ନଂ-୬୬ |
| ୬୫. ଦେବୀ ପ୍ରସାଦ ନନ୍ଦ | ୱାର୍ଡ ନଂ-୬୭ |

୬୬. ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ ଭୁବନେଶ୍ୱର "ଉତର"

୬୭. ଅକ୍ଷୟ କୁମାର ଦିକ୍ଷିତ୍
ମାନ୍ୟବର ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି

ଅଦ୍ୟ ତା ୨୯.୫.୨୦୧୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ " *ଏକାମ୍ର* " ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର- ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାର୍ ମ୍ୟାନ୍, କର୍ପୋରେଟର, କମିଶନର, ଅତିରିକ୍ତ କମିଶନର, ଜନସ୍ୱାସ୍ଥ୍ୟ ବିଭାଗର ନିରୀକ୍ଷଣ ଯନ୍ତ୍ରୀ, ଉପ ଜିଲ୍ଲାପାଳ, ଭୁବନେଶ୍ୱର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ନିଗମର ପ୍ରଚଳିତ ପ୍ରଥା ଅନୁଯାୟୀ "ବନ୍ଦେ ଉତ୍କଳ ଜନନୀ" ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭା ଆରମ୍ଭରେ ନିଗମର ଗୋଷ୍ଠୀ ସଂଗଠକ ସୁନିଲ୍ କୁମାର ଟପୋ ଗତକାଲି ଇହଧାମ ତ୍ୟାଗ କରିଥିବାରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସଭାପତିଙ୍କ ଅନୁରୋଧ କ୍ରମେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । କିଛି ଦିନ ପୂର୍ବରୁ ନିଗମର କର୍ପୋରେଟର୍ ୱାର୍ଡ଼ ନଂ-୨୦ ଶ୍ରୀମତୀ ବାସନ୍ତି ସିଂ ଙ୍କୁ ମାରଣାନ୍ତକ ଆକ୍ରମଣ କରାଯାଇଅଛି । ତାଙ୍କ ସ୍ୱାମୀଙ୍କୁ ମଧ ଆକ୍ରମଣ କରାଯାଇଅଛି । ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରାଯାଇଥିଲା । ଉପ ଜିଲ୍ଲାପାଳ, ଭୁବନେଶ୍ୱର, ଭୁବନେଶ୍ୱରର ତିନିଗୋଟି ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ସ୍ୱଚ୍ଛ ଓ ନିର୍ଭୁଲ କିପରି ହୋଇପାରିବ ତାହା ଉପରେ କର୍ପୋରେଟର ମାନଙ୍କୁ ଅବଗତ କରାଇବା ସଙ୍ଗେ ସଙ୍ଗେ କର୍ପୋରେଟର ମାନଙ୍କର ସହଯୋଗ କାମନା କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ନିହାର ରଂଜନ ସାହୁ କହିଥିଲେ ଯେ ଆମେ ସବୁ ଲୋକ ମାନଙ୍କର କାମ କରୁଅଛୁ କିନ୍ତୁ କୌଣସି ଦୁର୍ଘଟଣା ଘଟିଲେ ଆମ ପାଇଁ କୌଣସି ଆର୍ଥିକ ସୁବିଧା ନାହିଁ । ଆମ୍ଭମାନଙ୍କ ପାଇଁ ହେଲ୍‌ଥ ଇନ୍ସୁରାନ୍ସ କରାଯାଉ କିମ୍ବା ଅନ୍ୟ କୌଣସି ପଦକ୍ଷେପ ନେବାପାଇଁ ପ୍ରସ୍ତାବ ଦେଇଥିଲେ । ତାଙ୍କୁ ଉପସ୍ଥିତ ସମସ୍ତ କର୍ପୋରେଟର ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା ଯେଉଁମାନେ Standing Corporator, Dy. Mayor, Mayar ଅଛନ୍ତି ସେମାନଙ୍କର ହେଲ୍‌ଥ ଇନ୍ସୁରାନ୍ସ କରିବା ଏବଂ ସେମାନଙ୍କର କୌଣସି ଗୁରୁତର ଦୁର୍ଘଟଣା ଘଟିଲେ ଏବଂ ବହୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଲେ ଏହି ଅର୍ଥ Remunaration ଆକାରରେ ଦେବାପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଯେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁ ବୃଦ୍ଧ, ବୃଦ୍ଧା,ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତି ଭତା ପାଇବା ପାଇଁ ଦୀର୍ଘଦିନ ହେବ ଆବେଦନ କରିଛନ୍ତି, କିନ୍ତୁ ସେମାନେ ଭତା ନ ପାଇ ଦୁଃଖ କଷ୍ଟରେ ଜୀବନ ଜାପନ କରୁଛନ୍ତି । ସେମାନଙ୍କୁ ଭତା ଦେବା ପାଇଁ ପଦକ୍ଷେପ ନିଆଯାଉ ବୋଲି ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା, ଆଉ ଅଧିକ ମଧୁବାବୁ ପେନ୍‌ସନ୍ ଯୋଜନା ଅନୁମୋଦନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ନିଗମାଂଚଳରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ମଧ ଶ୍ରୀମତୀ ଦାଶ ଦାବି କରିଥିଲେ । ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀମତୀ ଶାଶ୍ୱତୀ ମିଶ୍ର କହିଥିଲେ ଯେ ସହିଦ ନଗରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଅଛି । ଏହାକୁ କାର୍ଯ୍ୟକ୍ଷମ କରାଯାଉ ନଚେତ୍ ଏହାକୁ Demolish କରାଯାଉ ବୋଲି କହିଥିଲେ । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କ ଉପରେ ସର୍ବ ସମ୍ମତି କ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ହୃଦୟ ବଲଭ ସାମନ୍ତରାୟ କହିଥିଲେ ଯେ କର୍ପୋରେସନ ସଭାଗୃହର ଶୀତତାପ ଯନ୍ତ୍ର ଗୁଡ଼ିକ ଠିକ୍ ରୂପେ କାମ କରୁ ନ ଥିବାରୁ ଏହାକୁ ବଦଳାଯାଇ ନୂଆ A.C. Machine ଲଗାଇବା ପାଇଁ ପ୍ରସ୍ତାବ ଦେଇଥିଲେ । କର୍ପୋରେଟର ଶ୍ରୀ କୁମାରେନ୍ଦ୍ର ମହାପାତ୍ର ତାଙ୍କୁ ସମର୍ଥନ କରିଥିଲେ ଏବଂ କର୍ପୋରେସନ ଉପ ବିଭାଗରେ Xerox Machine ଓ କମ୍ପ୍ୟୁଟର ଚାଲୁଥିବାରୁ ଏହି କୋଠରୀରେ A.C. ଲଗାଇବା ପାଇଁ କହିଥିଲେ । ଏହା ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଭାନୁପ୍ରିୟା ଦାସ କହିଥିଲେ ଯେ ମୋ ୱାର୍ଡ଼ରେ ଆଉ ଡ଼ଷ୍ଟବିନ୍ ପକାଯାଉ, ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀ ହରେକୃଷ୍ଣ ନାୟକ କହିଥିଲେ ଯେ ପ୍ରାଇଭେଟ୍ ହୋଇଥିବା ୱାର୍ଡ଼ରେ ଆଉ ଅଧିକ ଡ଼ଷ୍ଟବିନ୍ ପକାଯାଉ । ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ ପ୍ରାଇଭେଟ୍‌ସନ ହୋଇଥିବା ୱାର୍ଡ଼ରେ ବଡ଼ ବଡ଼ ଡ଼ଷ୍ଟବିନ୍ ପଡ଼ିଅଛି ଏବଂ BMC ଯେଉଁଭଳି ଡ଼ଷ୍ଟବିନ୍ ପକାଇଅଛି ସେହିଭଳି ପ୍ରତ୍ୟେକ ୱାର୍ଡ଼ରେ ଆଉ ୫୦ ଟି ଲେଖାଏଁ ସେମାନେ ପକାଇବେ ଏବଂ BMC ୱାର୍ଡ଼ରେ ଆଉ ଅଧିକ ଡ଼ଷ୍ଟବିନ୍ ପକାଯିବ । ବ୍ଲିଚିଙ୍ଗ୍ ପାଉଡ଼ର ଦର ବୃଦ୍ଧି ପାଇଥିବାରୁ ଏହାର ଅପବ୍ୟବହାର କରା ନଯାଇ ଯେତିକି ଆବଶ୍ୟକ ସେହି ପରିମାଣରେ ଦିଆଯିବ ।

ସଭାପତିଙ୍କ ଅନୁରୋଧ କ୍ରମେ ମାନ୍ୟବର ବିଧାୟକ ଭୁବନେଶ୍ୱର 'ଉତ୍ତର' ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ମାନ୍ୟବର ମେୟର, ଡ଼େପୁଟି ମେୟର, କମିଶନର ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ ଆପଣ ମାନଙ୍କ ହେଲ୍‌ଥ ଇନ୍ସୁରାନ୍ସ ପାଇଁ ମୁଁ ସଂପୂର୍ଣ୍ଣ ଭାବେ ସମର୍ଥନ କରୁଅଛି । ନିଗମାଂଚଳରେ ବସବାସ କରୁଥିବା ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଭଂତା ଦେବାପାଇଁ ମଧ ସମର୍ଥନ କରୁଅଛି । ବସ୍ତିଉଚ୍ଛେଦ ହେଲେ ଟ୍ରାଞ୍ଜିଟ୍ ହାଉସ୍‌ରେ ଲୋକମାନଙ୍କୁ ରଖାଯାଉ, ଯେଉଁମାନଙ୍କ ପାଇଁ ଉଠାଯାଉଅଛି ସେମାନେ ଏହି ଅର୍ଥ ବହନ କରିବେ । KIIT ବିଶ୍ୱ ବିଦ୍ୟାଳୟର ଏକ ଉତ୍ସବକୁ ବିଚାରପତିମାନେ ଆସିଥିଲେ । ସେମାନେ ଭୁବନେଶ୍ୱରର ସଫେଇ ଓ ସୁନ୍ଦର ପାଇଁ ପ୍ରଶଂସା କରିଛନ୍ତି । ସେଥିପାଇଁ ମେୟର, ଡ଼େପୁଟି ମେୟର,କର୍ପୋରେଟର ଓ ସମସ୍ତଙ୍କୁ ଧନ୍ୟବାଦ ଜଣାଉଅଛି । ଏହାକୁ Maintain କରି ରଖିବା ଆବଶ୍ୟକ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରସ୍ତାବ-୧. ଗତ ତା ୨୯.୪.୨୦୧୫ ରିଖ ନିଗମ ସାଧାରଣ ବୈଠକ ବିବରଣୀ ବୃଡିକରଣ:-

ନିର୍ଦ୍ଧାରଣ-୧. ଗତ ତା ୨୯.୪.୨୦୧୫ ରିଖ ନିଗମ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ପ୍ରସ୍ତାବ-୨. <u>ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ :-</u> (ତା ୨୯.୦୫.୨୦୧୫ ରିଖ)

<u>ଶ୍ରୀମତୀ ହରପ୍ରିୟା ସାହୁ, ଓ୍ୱାର୍ଡ଼ ନଂ-୨୪</u>

ପ୍ରଶ୍ନ-୨(୧) ରାସ୍ତା ଖୋଳା ବାବଦକୁ BMC କୁ ପଇସା ଆସୁନାହିଁ, ତାହା ବିଷୟରେ ତିନିଥର କର୍ପୋରେଶନରେ ପ୍ରଶ୍ନ ହୋଇଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ । କମିଶନର ମହୋଦୟ କଣ ପଦକ୍ଷେପ ନେଇଛନ୍ତି ଗୃହକୁ ଜଣାଇବେ କି ?

ଉତ୍ତର-୨(୧) କୌଣସି ବ୍ୟକ୍ତି ବିଶେଷ ରାସ୍ତା ଖୋଳା ଅନୁମତି ପାଇଁ ଆବେଦନ କଲେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ମରାମତି ଖର୍ଚ୍ଚ ଅଟକଳ କରାଯାଇ ସେହି ବ୍ୟକ୍ତି ବିଶେଷଙ୍କୁ ଜଣାଇ ଦିଆଯାଇଥାଏ । ସେହି ବ୍ୟକ୍ତି ମରାମତି ଖର୍ଚ୍ଚ ମହାନଗର ନିଗମରେ ଦାଖଲ କଲାପରେ ହିଁ ଉକ୍ତ ବ୍ୟକ୍ତିଙ୍କୁ ରାସ୍ତା ଖୋଳିବା ପାଇଁ ଅନୁମୋତି ପ୍ରଦାନ କରାଯାଇଥାଏ ।

ପ୍ରଶ୍ନ-୨(୨) BMC ଏରିଆରେ ରାସ୍ତାଗୁଡ଼ିକରେ ଇଟା, ବାଲି, ଗୋଡ଼ି ଓ ଘରଭଙ୍ଗା ଜିନିଷ ପଡ଼ି ରହୁଅଛି । ତାହା ପ୍ରଶ୍ନ ହେଲାପରେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହା ଉପରେ କମିଶନର ମହୋଦୟ କଣ ପଦକ୍ଷେପ ନେଇଛନ୍ତି ଗୃହକୁ ଜଣାଇବେ କି ?

ଉତ୍ତର-୨(୨) BMC ଏରିଆରେ ରାସ୍ତାଗୁଡ଼ିକରେ ଇଟା, ବାଲି, ଗୋଡ଼ି ଓ ଘରଭଙ୍ଗା ଜିନିଷ ପଡ଼ି ରହିଲେ ଏବଂ ଏହା ଉପରେ କୌଣସି ଅଭିଯୋଗ ଭୂ-ଉପବିଭାଗକୁ ଆସିଲେ ଭୂ-ଉପବିଭାଗରେ କାର୍ଯ୍ୟରତ Eviction Squard କୁ ତୁରନ୍ତ ପଠାଯାଇ ରାସ୍ତା ଅବରୋଧ ଅପସାରଣ କରାଯାଇଥାଏ ଏବଂ ଦରକାର ପଡ଼ିଲେ ଦୀର୍ଘଦିନଧରି ଇଟା, ବାଲି, ଗୋଡ଼ି ଓ ଘରଭଙ୍ଗା ଜିନିଷ ପକାଇଥିବା ମାଲିକଙ୍କଠାରୁ ଜୋରିମାନା ଆଦାୟ କରାଯାଇଥାଏ ।

ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ ଜନସ୍ୱାସ୍ଥ୍ୟ ବିଭାଗ ଓ ପୂର୍ତ୍ତ ବିଭାଗ ଜମା କରୁଥିବା Debris ଗୁଡ଼ିକ ଉଠାଇ ନେବା ପାଇଁ Department ରୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସେମାନେ ଏଗୁଡ଼ିକ ନ ଉଠାଇଲେ ତାଙ୍କୁ Notice ଦିଆଯିବ । କୌଣସି ବ୍ୟକ୍ତି/ଅନୁଷ୍ଠାନ Debris ଜମାକଲେ ଓ୍ୱାର୍ଡ଼ ଅଫିସର ମାନେ ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବେ । ସ୍ୱାସ୍ଥ୍ୟ ଅଧିକାରୀ Private Contractor ଙ୍କ ମାଧମରେ ତାଙ୍କୁ Notice ଦେବେ ।

<u>ଶ୍ରୀ ଶ୍ରୀଧର ବେହେରା, ଓ୍ୱାର୍ଡ଼ ନଂ-୫୨</u>

ପ୍ରଶ୍ନ-୨(୩) ସଭାପତି ମହୋଦୟ ବସ୍ତି ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ଭିତିଭୂମିର ବିକାଶ ନିମନ୍ତେ ମହାନଗର ନିଗମର ଆଇନ୍‌ର ଧାରା ୪୯୭ ଅନୁଯାୟୀ କୌଣସି ଗାଇଡ୍ ଲାଇନ୍ କରାଯାଇଅଛି କି ? ଯଦି କରାଯାଇଅଛି ତେବେ କେଉଁ କେଉଁ ଗାଇଡ୍ ଲାଇନ୍ କରାଯାଇଅଛି ତାହାର ଏକ ନକଲ ଗୃହରେ ଦେଇପାରିବେ କି ?

ଉତ୍ତର-୨(୩) ମହାନଗର ନିଗମ ଆଇନ୍‌ରେ ୪୯୭ ଅନୁଯାୟୀ ବସ୍ତି ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ଭିତିଭୂମିର ବିକାଶ ନିମନ୍ତେ ନିୟମ ରହିଛି । ତାହାର ଏକ ନକଲ ସଂଲଗ୍ନ କରାଗଲା ।

ପ୍ରଶ୍ନ-୨(୪) ସଭାପତି ମହୋଦୟ ମହାନଗର ନିଗମ ଅଧିନରେ ଥିବା Word No- 52 ରେ କେତୋଟି ବସ୍ତି ଅଛି । ରାଜୀବ ଆବାସ ଯୋଜନାରେ କେତୋଟି ବସ୍ତି ସର୍ଭେ କରାଯାଇଅଛି ଓ କେତେ ବସ୍ତି ସର୍ଭେ କରାଯାଇନାହିଁ ଏବଂ ପ୍ରତ୍ୟେକ ବସ୍ତିରେ କେତେ ପରିବାରଙ୍କର ସର୍ଭେ ହୋଇଅଛି ଓ କେତେ ପରିବାରଙ୍କର ସର୍ଭେ ହୋଇ ପାରିନାହିଁ ବା ସେମାନେ କରିପାରିନାହାନ୍ତି ତାହାର ସମ୍ପୂର୍ଣ୍ଣ ତାଲିକା ଗୃହରେ ପ୍ରଦାନ କରିପାରିବେ କି ?

ଉତ୍ତର-୨(୪) BMC ୱାର୍ଡ଼ ନଂ-୫୨ ରେ ମୋଟ ୫ଗୋଟି ବସ୍ତି ରହିଛି ।

ରାଜୀବ ଆବାସ ଯୋଜନାରେ ୫ଗୋଟି ବସ୍ତି ସର୍ଭେ କରାଯାଇଅଛି । ରାଜୀବ ଆବାସ ଯୋଜନାରେ ୱାର୍ଡ଼ ନଂ-୫୨ର କୌଣସି ବସ୍ତି ସର୍ଭେରୁ ବାଦ୍ ପଡ଼ିନାହାଁନ୍ତି । ସମସ୍ତ ବସ୍ତିରେ ସର୍ଭେ ହୋଇଅଛି ।

| | |
|---|---|
| ଗଙ୍ଗ ନଗର – | ୯୪ ପରିବାର |
| ଗଙ୍ଗ ନଗର ଭିମପୁର – | ୫୯ପରିବାର |
| ଗଙ୍ଗ ନଗର ହଷ୍ଟେଲ୍ ସାଇଡ୍ ବସ୍ତି- | ୨୪୬ ପରିବାର |
| ଗଙ୍ଗ ନଗର ପଲ୍ଲୀ-A- | ୧୪୭ପରିବାର |
| ଗଙ୍ଗ ନଗର ପଲ୍ଲୀ-B- | ୨୮୮ପରିବାର |

ପ୍ରକାଶ ଥାଉକି ୱାର୍ଡ଼ ନଂ-୫୨ରେ ଥିବା ସମସ୍ତ ବସ୍ତିରେ ରାଜୀବ ଆବାସ ଯୋଜନାରେ ସର୍ଭେ ହୋଇସାଇଛି । ଏହାର ଉପରେ ବସ୍ତି ବାସିନ୍ଦା ଏବଂ କର୍ପୋରେଟର ଓ କମ୍ୟୁନିଟି ଅର୍ଗାନାଇଜର ଏବଂ CLTC Specialist ମାନଙ୍କର ଉପସ୍ଥିତିରେ ଲିଖିତ ରେଜ୍ୟୁଲେସନ୍ ମାଧ୍ୟମରେ ସ୍ୱିକୃତି ପାଇସାରିଛି ।

ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ, ୱାର୍ଡ଼ ନଂ-୨୫

ପ୍ରଶ୍ନ-୨(୫) ମାନନୀୟ ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି BMC ତରଫରୁ ଅଦ୍ୟାବଧି High Raise building ର Wardwise କେତୋଟି N.O.C Order ସହ Specification ର କପି ପ୍ରଦାନ କରିବେ କି ? Provisional N.O.C ଦେଲାବେଳେ ଯେଉଁ Specification 1% ହିସାବରେ ଦିଆଯାଇଛି ତନ୍ମଧ୍ୟରୁ କେତୋଟି Specification ସରକାରୀ ଜମି ଏବଂ କେତୋଟି Private ଜମିରେ ଦିଆଯାଇଛି ତାର ତାଲିକା ପ୍ରଦାନ କରନ୍ତୁ ।

Specification ନେଲାବେଳେ ଜମିର R.O.R ଦେଖାଯାଇଥିଲା କି ନାହିଁ । କାର୍ଯ୍ୟର ତଦାରଖ କିଏ କରୁଛି, ଏବଂ କାର୍ଯ୍ୟ କେଉଁ ମାଧ୍ୟମରେ ଦିଆଯାଉଛି ଦୟାକରି ଗୃହକୁ ଜଣାଇବେ ।

ଉତ୍ତର-୨(୫) ଭୁବନେଶ୍ୱର ମହାନଗର ନିଗମ ଡ଼ିଭିଜନ୍-୨, ତରଫରୁ ଅଦ୍ୟାବଧି ୧୬ ଗୋଟି High Raise building କୁ N.O.C ପ୍ରଦାନ କରାଯାଇଅଛି । Specification ଦେବାବେଳେ ଜମିର R.O.R ଦେଖାଯାଇନାହିଁ । କିନ୍ତୁ ନାଗରିକମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ମୁଖ୍ୟତଃ ଯେଉଁ ଜାଗାରେ ରାସ୍ତା କିମ୍ବା ନାଳରୂପେ ବ୍ୟବହାର କରାଯାଇଅଛି ସେହି କାର୍ଯ୍ୟଗୁଡ଼ିକୁ ନିଆଯାଉଅଛି । କାର୍ଯ୍ୟଗୁଡ଼ିକର ତଦାରଖ ସାଧାରଣତଃ ନିର୍ଦ୍ଧିଷ୍ଟ ଅଂଚଳର ଇଞ୍ଜିନିୟର୍ ଙ୍କ ଦ୍ୱାରା କରାଯାଉଅଛି ଏବଂ ଡ଼ିଭିଜନ୍-୧ ତରଫରୁ ୧୬୨ ଗୋଟି N.O.C ପ୍ରଦାନ କରାଯାଇଅଛି । ପେରିଫେରିଆଲ୍ ଡ଼େଭେଲପ୍ ମେଂଟ କାର୍ଯ୍ୟ କରିବା ପାଇଁ Specification ଦିଆଯାଇଅଛି । ସେ ସବୁର Detail Statement ସଂପୃକ୍ତ ନଥିରେ ଉପଲବ୍ଧ ଅଛି । ଏହା ତଥ୍ୟଭିତିକ ହୋଇଥିବାରୁ ମାନନୀୟା କର୍ପୋରେଟର ଇଛାକଲେ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ଦେଖିପାରିବେ । ୨୦୧୪ ମସିହା ଜୁଲାଇ ମାସ ପରଠାରୁ N.O.C ଦରଖାସ୍ତ ଗୁଡ଼ିକ BDA Letter No. 5087 dt.10.02.2014 & BMC Resolution No. 8(1) dt. 31.07.2014 ଅନୁଯାୟୀ ବିଚାର କରାଯାଉଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା କହିଥିଲେ ଯେ ବ୍ୟକ୍ତିଗତ ଜାଗାରେ ବିଲ୍ଡରମାନେ ରାସ୍ତା ଓ ନାଳ ନିର୍ମାଣ କରୁଛନ୍ତି । ଭବିଷ୍ୟତରେ ଭୁବନେଶ୍ୱର ମହାନଗର ନିଗମ ଏହାକୁ ମରାମତି କରିପାରିବ ନାହିଁ । ତାଙ୍କୁ କର୍ପୋରେଟର ଶ୍ରୀ ଅମରେଶ ଜେନା ସମର୍ଥନ କରିଥିଲେ ଯେ BMC କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କଲେ Land Clearance ମଗାଯାଉଅଛି । ତେଣୁ ସେମାନେ ବ୍ୟକ୍ତିଗତ ଜାଗାରେ ନ କରନ୍ତୁ ଭବିଷ୍ୟତରେ ଅସୁବିଧା ହେବ । ଯେଉଁ ୧% ଅର୍ଥରେ ସେମାନେ କାମ କରୁଛନ୍ତି ସେହି କାର୍ଯ୍ୟ BMC Tender ମାଧ୍ୟମରେ କରୁ ।

ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ ଭୁବନେଶ୍ୱର ମହାନଗର ନିଗମ ପ୍ଲାନ୍ ଅନୁମୋଦନ କରୁଥିବାରୁ ଏଣିକି ବିଲ୍ଡରମାନଙ୍କ ଠାରୁ N.O.C Fee ଆଦାୟ କରାଯିବ ନାହିଁ । ସେମାନେ Security ବାବଦକୁ ବ୍ୟାଙ୍କ ପ୍ରତ୍ୟାଭୁତି (Bank Guarantee) ଦାଖଲ କରିବେ ଏବଂ ବିଲ୍ଡରମାନେ Peripherial Development କରିବେ । Peripherial Development ନ କଲେ ସେମାନଙ୍କ ବ୍ୟାଙ୍କ ପ୍ରତ୍ୟାଭୁତି ରୁ ଏହି ଅର୍ଥ ଭରଣା କରାଯିବ । ସେମାନେ Infrastructure Development ନ କଲେ Plan ଅନୁମୋଦନ କରାଯିବ ନାହିଁ । ପ୍ରଶ୍ନକର୍ତା କହିଥିଲେ ଆମେ ବସ୍ତିରେ ନିଗମ ଅର୍ଥରେ ଉନ୍ନୟନ ମୂଳକ କାର୍ଯ୍ୟ କରି ପାରୁନାହୁଁ । ତେଣୁ ବିଲ୍ଡରମାନେ ବସ୍ତିରେ ଉନ୍ନୟନ ମୂଳକ କାର୍ଯ୍ୟ କରନ୍ତୁ । ଏହା ଉପରେ ଆଲୋଚନା କରାଗଲା । ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ୍ ର ଧାରା ୪୮୫ କୁ ଦୃଷ୍ଟିରେ ରଖି ନିଗମାଂଚଳରେ ଥିବା Recognised ବସ୍ତିରେ ଜଙ୍ଗଲ ଜମି, ବ୍ୟକ୍ତିଗତ ଜମି ଓ ଶ୍ମଶାନ ଜମିକୁ ଛାଡ଼ି ଅନ୍ୟାନ୍ୟ ଜମିରେ ରାସ୍ତା, ନାଳ ଓ ପାନୀୟ ଜଳ ପାଇଁ କାର୍ଯ୍ୟ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

**ଶ୍ରୀ ରଘୁନାଥ ମହାନ୍ତି, ୱାର୍ଡ଼ ନଂ-୬୩**

ପ୍ରଶ୍ନ-୨(୬) ମେୟର ମହୋଦୟ ଉତର ଦେବେ କି ?

୧- ଶ୍ମଶାନ ଜମିରେ ଯଦି ଜିମ୍‌ଘର ହୋଇପାରୁନି କିପରି ଶ୍ମଶାନ ଜମିରେ Housing Board ଘର ହେଉଛି ।

ଉତ୍ତର-୨(୬)୧- ମୌଜା ଜାଗମରା ୟୁନିଟ୍-୨୦ ଧର୍ମବିହାରଠାରେ O.S.H.B. ଦ୍ୱାରା ପ୍ଲଟ୍ ନଂ୩୩୧/ ୨୩୭୦,୧୭୭, ଖାତା ନଂ- ୧୧୫୩ ଉପରେ କିସମ- ଶ୍ମଶାନ ଥାଇ ଏହାରି ଉପରେ O.S.H.B. ଗୃହ ନିର୍ମାଣ କରି ହିତାଧିକାରୀ ମାନଙ୍କୁ ବଂଟନ କରିଛନ୍ତି । ଶ୍ମଶାନ କିସମ ଜମିରେ କିପରି ଗୃହ ନିର୍ମାଣ କରାଯାଇଅଛି ତାହା O.S.H.B. ଙ୍କ କାର୍ଯ୍ୟପରିସରଭୁକ୍ତ ଅଟେ । ଏହା ଭୁବନେଶ୍ୱର ମହାନଗର ନିଗମର କାର୍ଯ୍ୟପରିସରଭୁକ୍ତ ନୁହେଁ ।

ପ୍ରଶ୍ନ-୨(୬)୨- ୨୦୧୫/୧୬ ର କାମ କେବେ ହବ ।

ଉତ୍ତର-୨(୬)୨- ୨୦୧୫/୧୬ ଆର୍ଥିକ ବର୍ଷରେ ୱାର୍ଡ଼ ବଜେଟର କାମ କରିବା ପାଇଁ ମାନ୍ୟବର କର୍ପୋରେଟର ୱାର୍ଡ଼ ନଂ-୬୩ ଙ୍କ ଠାରୁ ମିଳିଥିବା ପ୍ରସ୍ତାବ ଅନୁସାରେ ୩ ଟି ନଥିରେ ପ୍ରସ୍ତୁତ କରାଯାଇ Land Clearance ପାଇଁ ପଠାଯାଇଅଛି । Land Clearance ମିଳିଲା ପରେ ସଂପୃକ୍ତ କାର୍ଯ୍ୟଗୁଡ଼ିକୁ ସଂପାଦନ କରିବା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

ପ୍ରଶ୍ନ-୨(୬)୩- ୨୦୧୫ ର ଶ୍ରୀ ଶ୍ରୀ ଅନନ୍ତ କିଶୋରୀ ଠାକୁରଙ୍କ ଟଙ୍କା କେବେ ମିଳିବ ।

ଉତ୍ତର-୨(୬)୩- ୨୦୧୫ ର ଶ୍ରୀ ଶ୍ରୀ ଅନନ୍ତ କିଶୋରୀ ଠାକୁରଙ୍କ ବିଜେ ଓ ଶୋଭାଯାତ୍ରା ନିମନ୍ତେ କାର୍ଯ୍ୟାଳୟ ପତ୍ର ସଂଖ୍ୟା୧୨୩୨୩ ତା୨୮.୦୫.୨୦୧୫ ରିଖରେ ଟ ୫୦,୦୦୦/-(ପଚାଶ ହଜାର ଟଙ୍କା) ମାତ୍ର ଅନୁମୋଦନ କରାଯାଇଅଛି ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା 16.5.2015 ରିଖ ଟ୍ୟାକ୍‌ସେସନ୍, ଫାଇନାନ୍‌ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।।

ନିର୍ଦ୍ଧାରଣ-୪(୨). ଗତ ତା 13.5.2015 ରିଖ ପବ୍ଲିକ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ,ଡ୍ରେନେଜ ଆଣ୍ଡ ଏନ୍‌ଭିରନମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା 21.5.2015 ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା 18.5.2015 ରିଖ ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା 19.5.2015 ରିଖ ଏଜୁ୍ୟକେଶନ, ରିକ୍ରିଏସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା 20.5.2015 ରିଖ ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା 28.5.2015 ରିଖ କଣ୍ଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା 16.5.2015 ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା 18.5.2015 ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡିକ ସଂପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡିଶା ମ୍ୟୁନିସପାଲ କର୍ପୋରେସନ ରୁଲ-2004 ର ନିୟମ - 03, 04, 05, 06, 07, 08, 10 ଓ 11 ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଏପ୍ରିଲ୍-୨୦୧୫ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡିଟ୍ ମତାମତ / ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ -୬. <u>ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:-</u> (ତା ୨୯.୦୫.୨୦୧୫ ରିଖ)

<u>ଶ୍ରୀ ଅମରେଶ ଜେନା, ୱାର୍ଡ଼ ନଂ-୪୫</u>

ପ୍ରସ୍ତାବ-୬(୧). ବରଗଡ଼ କେନାଲ ରୋଡ଼ର ବାମପାର୍ଶ୍ୱରୁ ଝାରପଡ଼ା କେନାଲ ରୋଡ଼ ପର୍ଯ୍ୟନ୍ତ ସହିଦ ଅଜିତ୍ କୁମାର ବର୍ଦ୍ଧନ୍ ନାମରେ ନାମିତ କରାଗଲେ ସହିଦ୍ ମାନଙ୍କ ପାଇଁଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି B.M.C ତରଫରୁ ହେବାସହ ଅଂଚଳବାସୀଙ୍କ ମୁଖରେ ହସର ସାଗର ଏବଂ ଲହରି ଖେଳିବ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୧). ପ୍ରସ୍ତାବ ବର୍ଣ୍ଣିତ ରାସ୍ତାକୁ ସହିଦ ଅଜିତ୍ କୁମାର ବର୍ଦ୍ଧନଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାରଙ୍କ R&B ବିଭାଗକୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨</u>

ପ୍ରସ୍ତାବ-୬(୨). Plot No- 43 to Plot No- 73/85, via Plot No- 45,57,75, 181/182 and Plot No-7515 at Chittamohanty colony, Vimpur ଏଠାରେ 1998 ମସିହାଠାରୁ BMC ଦ୍ୱାରା Concrete road ନିର୍ମାଣ କରାଯାଇଥିଲା । ବର୍ତମାନ ସେ road ଟି ପୁରାପୁରି damage ଅବସ୍ଥାରେ ଅଛି । ଏହି କାର୍ଯ୍ୟଟି ବର୍ତମାନ ବେବନ୍ଦୋବସ୍ତ ଥିବାରୁ କାର୍ଯ୍ୟଟି ହୋଇପାରୁନାହିଁ । ଏଣୁ ତୁରନ୍ତ ତଦନ୍ତ କରି road ଆଉ drain କାର୍ଯ୍ୟଟିକୁ କରିବା ପାଇଁ Engineer Section କୁ ଅନୁମତି ଦେବା ନିମନ୍ତେ Corporation ରେ ଆଲୋଚନା ଓ ବିଚାର ।

ନିର୍ଦ୍ଧାରଣ-୬(୨). ପ୍ରସ୍ତାବ ବର୍ଣ୍ଣିତ ଜାଗା ବ୍ୟକ୍ତିଗତ ଜମି, ଜଂଗଲ ଜମି କିମ୍ବା ଶ୍ମଶାନ ଜମି ନ ହୋଇଥିଲେ ଉକ୍ତ କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ପ୍ରତିଭା ସାମନ୍ତରାୟ, ୱାର୍ଡ଼ ନଂ-୩୯</u>

ପ୍ରସ୍ତାବ-୬(୩). DAV ସ୍କୁଲ୍ ଠାରୁ ଏମ୍.ପି. ପ୍ରଶନ୍ନ ପାଟଶାଣୀ ଙ୍କ ଘର ପର୍ଯ୍ୟନ୍ତ ରାସ୍ତା କାମ ଶ୍ରୀ କୈଳାସ ମଲ୍ଲିକ୍ ୨୦୧୧ ମସିହାରେ ନେଇଥିଲେ File No. 371/11 ଆଜି ପର୍ଯ୍ୟନ୍ତ ରାସ୍ତା କାମ ସାରୁନାହାଁନ୍ତି । ଉକ୍ତ କାର୍ଯ୍ୟାଦେଶ ରଦ୍ଦ କରାଯାଇ ତୁରନ୍ତ ନୂତନ ଟେଣ୍ଡର କରାଯାଉ, ଏହା ଉପରେ ଆଲୋଚନା ଓ ସିଦ୍ଧାନ୍ତ ।

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୪). ମହାଶୟ, ମାନ୍ୟବର ବିଧାୟକ ତାଂକ ପାଣ୍ଠିରୁ ଶାସ୍ତ୍ରୀନଗରର ରାସ୍ତା ଓ ନାଳ ପାଇଁ ୧୦,୦୦,୦୦୦.୦୦ ଟଙ୍କା ଅନୁଦାନ ୨୦୧୨ରେ ଦେଇଥିଲେ । File No. 664/12 ଉକ୍ତ ଅର୍ଥ ଖର୍ଚ୍ଚ ହୋଇ ଟ ୨,୪୪,୦୦୦.୦୦ ବଳକା ରହିଛି । ଉକ୍ତ ବଳକା ରାଶିରେ ଶାସ୍ତ୍ରୀନଗରର ଆଚାର୍ଯ୍ୟ ବାବୁଙ୍କ ଘରଠାରୁ ବାବାଜୀ ବାବୁଙ୍କ ଘର ପର୍ଯ୍ୟନ୍ତ ନାଳର ମରାମତି କରି ସ୍ଲାବ୍ ପକାଇବାକୁ ଅନୁରୋଧ । ଉକ୍ତ କାର୍ଯ୍ୟଟି ଅତ୍ୟନ୍ତ ଜରୁରୀ ଥିବା ଦୃଷ୍ଟିରୁ ଏହାକୁ ମଂଜୁର କରି ସ୍ୱ ବିଭାଗ ଦ୍ୱାରା କରିବାକୁ ଆଲୋଚନା ଓ ସିଦ୍ଧାନ୍ତ ।

ନିର୍ଦ୍ଧାରଣ-୬(୪). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ହରପ୍ରିୟା ସାହୁ, ୱାର୍ଡ଼ ନଂ-୨୪</u>

ପ୍ରସ୍ତାବ-୬(୫). ସଫେଇ କଣ୍ଟ୍ରାକ୍ଟର 'ରାମକୀ'କୁ କଳା ତାଲିକାଭୁକ୍ତ କରିବାପାଇଁ କର୍ପୋରେଶନ୍‌ରେ ୧୫ ଦିନ ସମୟ ଦିଆଯାଇଥିଲା । ୧୫ ଦିନ ମଧରେ ଚୁକ୍ତିପତ୍ର ଅନୁଯାୟୀ ଏରିଆରେ କୌଣସି କାର୍ଯ୍ୟ ଉନ୍ନତି ହୋଇପାରିନାହିଁ । କାମ ନ କରି BMC ରୁ ଟଙ୍କା ନେଇ ଯାଉଅଛି । ତାହା ପାଇଁ ଦାୟୀ କିଏ ? 'ରାମକୀ'କୁ କେବେ କଳା ତାଲିକାଭୁକ୍ତ କରାଯାଇ ବିଦାକରି ଅନ୍ୟ ଏକ କଣ୍ଟ୍ରାକ୍ଟରକୁ ଦେବେ ଏହା ଗୃହରେ ଆଲୋଚନା କରି ନିଷ୍ପତି ନିଆଯାଉ ।

ନିର୍ଦ୍ଧାରଣ-୬(୫). ସଭାପତିଙ୍କ ନିର୍ଦ୍ଦେଶ ମତେ ନିଗମର ସ୍ୱାସ୍ଥ୍ୟ ଅଧିକାରୀ ସ୍ପଟିକରଣ ଦେଇ କହିଥିଲେ ଯେ ଗତ ତା ୨୯.୦୪.୨୦୧୫ ରିଖ ନିଷ୍ପତି କ୍ରମେ ରାମ୍‌କି ଇନ୍‌ଭାରୋ ପ୍ରାଇଭେଟ୍ ଲିମିଟେଡ୍‌କୁ ୧୫ ଦିନିଆ ସୋ କଜ୍ ମଗାଯାଇଥିଲା । ସୋ କଜ୍ ପାଇଲା ପରେ ଅଧିକ କର୍ମଚାରୀ ଲଗାଇ ସଫେଇ କାର୍ଯ୍ୟ ଉନ୍ନତି କରିଛନ୍ତି । ନାଳ ସଫେଇ, ବୁସ୍ କଟିଙ୍ଗ୍, ଡ଼ଷ୍ଟବିନ୍ ପକାଇବା କାର୍ଯ୍ୟ କରିନାହାଁନ୍ତି ।

ଏହିସବୁ କାର୍ଯ୍ୟ କରିବା ପାଇଁ ରାମ୍‌କି ଇନ୍‌ଭାରୋ ପ୍ରାଇଭେଟ୍ ଲିମିଟେଡ୍‌କୁ ନିର୍ଦ୍ଦେଶ ଦେବା ପାଇଁ ନିଗମର ସ୍ୱାସ୍ଥ୍ୟଧିକାରୀଙ୍କୁ କମିଶନର ଦାୟିତ୍ୱ ଦେଇଥିଲେ ।

ପ୍ରସ୍ତାବ-୭. ତା ୨୯.୦୫.୨୦୧୫ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :-

ପ୍ରସ୍ତାବ-୭(୧). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଡି.ଏଲ୍.ଆର.-୩୫୪ ଜଣ ଓ ସି.ଏଲ୍.ଆର.-୭୫୮ ଜଣ କାର୍ଯ୍ୟ କରିଆସୁଛନ୍ତି । । କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୫), ତା ୩୧.୭.୨୦୧୪ ରିଖ ଅନୁସାରେ ସେମାନଙ୍କ ନିୟୋଜନ ସମୟ ସୀମା ତା ୦୧.୧.୨୦୧୪ ରିଖ ଠାରୁ ତା ୧.୧୨.୨୦୧୪ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ଏବଂ ସେମାନଙ୍କ ନିୟୋଜନର ଜରୁରୀ ଆବଶ୍ୟକତା ଦର୍ଶାଇ ରାଜ୍ୟ ସରକାରଙ୍କ ଠାରୁ ସେମାନଙ୍କ ନିୟୋଜନର କାର୍ଯ୍ୟୋତର ମଞ୍ଜୁରୀ ଆଣିବା ନିମନ୍ତେ ଆଇନ୍ ଅନୁଯାୟୀ ନିଗମ ତରଫରୁ ପତ୍ର ମାଧମରେ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ କରି ଏ ଦିଗରେ ତ୍ୱରାନ୍ୱିତ ପଦକ୍ଷେପ ନେବା ନିମନ୍ତେ ମ୍ୟୁନିସିପାଲ କମିଶନରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ତଦନୁଯାୟୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୪୪୨୫, ତା ୨୧.୧୦.୨୦୧୪ ରିଖରେ କାର୍ଯ୍ୟରତ ଡି.ଏଲ୍.ଆର.ଓ ସି.ଏଲ୍.ଆର.ଙ୍କ ନିୟୋଜନ ଜାରି ରଖିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଥିଲା । କିନ୍ତୁ ଏ ସଂପର୍କ ଅଦ୍ୟାବଧି ରାଜ୍ୟ ସରକାରଙ୍କ ଠାରୁ ଅନୁମତି ମିଳିନାହିଁ ।

ଏମାନଙ୍କ ମଧରୁ ପ୍ରାୟ ଅଧିକାଂଶ ସଂଖ୍ୟକ କର୍ମଚାରୀ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ହୋଇଅଛନ୍ତି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଅସ୍ଥାୟୀ କର୍ମଚାରୀମାନେ ମଧ ନିଗମ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗର ଜରୁରୀ କାର୍ଯ୍ୟରେ ନିୟୋଜିତ ହୋଇଅଛନ୍ତି । ଏମାନଙ୍କ ବ୍ୟତୀତ ସହରର ପରିଷ୍କାର ପରିଚ୍ଛନ୍ନ ଓ ନିଗମ କାର୍ଯ୍ୟାଳୟର ଜରୁରୀ ଆବଶ୍ୟକ କାର୍ଯ୍ୟ ଗୁଡିକରେ ବାଧା ସୃଷ୍ଟି ହେବ । ସେମାନଙ୍କ ନିୟୋଜନକୁ ଅନୁମୋଦନ ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ବାରମ୍ବାର ପତ୍ର ମାଧମରେ ଅନୁରୋଧ କରାଯାଇଥିଲେ ମଧ ରାଜ୍ୟ ସରକାରଙ୍କ ଠାରୁ କୌଣସି ପ୍ରତିଉତ୍ତର ଏଯାବତ୍ ହସ୍ତ ଗତ ହୋଇ ନାହିଁ । ନଥି ନଂ- XXI-17/15 ଟିପ୍ପଣୀ ପୃଷ୍ଠା-୨୯ ରୁ ୩୨ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଡି.ଏଲ୍.ଆର.-୩୫୪ ଜଣ ଓ ସି.ଏଲ୍.ଆର.-୭୫୮ ଜଣଙ୍କ ନିୟୋଜନ ସମୟ ସୀମା (Term of Engagement) ତା ୦୧.୧.୨୦୧୫ ରିଖ ଠାରୁ ତା ୩୧.୧୨.୨୦୧୫ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨). ରାଜ୍ୟ ସରକାରଙ୍କ Labour & ESI Department ବିଜ୍ଞପ୍ତି ସଂଖ୍ୟା-LL-1(AR)-1/15 3716/ LESI2/12/LESI ତା ୩୦.୪.୨୦୧୫ରିଖ ମର୍ମାନୁଯାୟୀ ରାଜ୍ୟର ସମସ୍ତ ଶ୍ରେଣୀର ଶ୍ରମିକ ମାନଙ୍କ ସର୍ବନିମ୍ନ ଦୈନିକ ମଜୁରୀ ତା ୩୦.୪.୨୦୧୫ରିଖ ଠାରୁ ନିମ୍ନମତେ ବୃଦ୍ଧି କରିଅଛନ୍ତି । ସେହିପରି ଭାବେ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ଡି.ଏଲ୍.ଆର./ସି.ଏଲ୍.ଆର. ମାନଙ୍କୁ ଉକ୍ତ ବର୍ଦ୍ଧିତ ହାରରେ ସର୍ବନିମ୍ନ ମଜୁରୀ ଲାଗୁ କରିବା ପାଇଁ ଆଦେଶ ଦେଇଅଛନ୍ତି ।

| | | |
|---|---|---|
| ଅଣକୁଶଳୀ | - | ଟ. ୨୦୦.୦୦ଙ୍କା |
| ଅର୍ଦ୍ଧକୁଶଳୀ | - | ଟ. ୨୨୦.୦୦ଙ୍କା |
| କୁଶଳୀ | - | ଟ. ୨୪୦.୦୦ଙ୍କା |
| ଉଚ୍ଚ କୁଶଳୀ | - | ଟ. ୨୬୦.୦୦ଙ୍କା |

ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଚିଠି ସଂଖ୍ୟା-୧୬୮୮୦, ତା ୧୫.୫.୯୯ରିଖ ଅନୁଯାୟୀ ନିଗମର ସମସ୍ତ ଡି.ଏଲ୍.ଆର. ଶ୍ରମିକ ମାନେ ନିମ୍ନମତେ ମାସିକ ବନ୍ଧା ମଜୁରୀ (Consolidated Wages) ତା ୦୧.୬.୧୯୯୯ ମସିହା ଠାରୁ ପାଇ ଆସୁଥିଲେ । Labour & ESI Department ବିଜ୍ଞପ୍ତି ସଂଖ୍ୟା- LL-1(AR)-1/15 3716/ LESI ତା ୩୦.୦୪.୨୦୧୫ରିଖ ଅନୁସାରେ ରାଜ୍ୟର ସମସ୍ତ ଶ୍ରେଣୀ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧିକୁ ଦୃଷ୍ଟିରେ ରଖି ନଥି ନଂ- XXI-DLR- 7/2015 ଟିପ୍ପଣୀ ପୃଷ୍ଠା- ୪୨ ରୁ ୪୪ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତି କରି ନିଗମରେ କାର୍ଯ୍ୟରତ ସମସ୍ତ ଶ୍ରେଣୀର ଡି.ଏଲ୍.ଆର. ମାନଙ୍କୁ ସଂଶୋଧିତ ମାସିକ ବନ୍ଧା ମଜୁରୀ (Consolidated Wages) ପୂର୍ବ ପରି ନିମ୍ନମତେ ରାଜ୍ୟ Labour & ESI Department ବିଜ୍ଞପ୍ତି ସଂଖ୍ୟା- LL-1(AR)-1/15 3716/ LESI ତା ୩୦.୦୪.୨୦୧୫ରିଖକୁ ଭିତି କରି ତା ୩୦.୦୪.୨୦୧୫ରିଖ ଠାରୁ ଲାଗୁ କରିବା ସହିତ ଡି.ଏଲ୍.ଆରଙ୍କ ସଂଶୋଧିତ ମାସିକ ବନ୍ଧା ମଜୁରୀ (Consolidated Wages)

| | | |
|---|---|---|
| ଅର୍ଦ୍ଧ କୁଶଳୀ | - | ଟ. ୬୬୦୦-୦୦ P.M |
| କୁଶଳୀ | - | ଟ. ୭୨୦୦-୦୦ P.M |

ନିଗମରେ କାର୍ଯ୍ୟରତ ସମସ୍ତ ଶ୍ରେଣୀର ସି.ଏଲ.ଆର. ଶ୍ରମିକ ମାନଙ୍କୁ Labour & ESI Department ବିଜ୍ଞପ୍ତି ସଂଖ୍ୟା-LL-1(AR)-1/15 3716/ LESI ତା ୩୦.୦୪.୨୦୧୫ ରିଖକୁ ଭିତିକରି ତା ୩୦.୦୪.୨୦୧୫ରିଖ ମର୍ମାନୁଯାୟୀ / ସର୍ତାବଳୀ ଅନୁଯାୟୀ ସଂଶୋଧିତ ହାରରେ ଦୈନିକ ସର୍ବନିମ୍ନ ମଜୁରୀ ନିମ୍ନମତେ ଦେବା ପାଇଁ କର୍ପୋରେସନଙ୍କ ବିଚାର :-

| | | |
|---|---|---|
| ଅଣକୁଶଳୀ | - | ଟ. ୨୦୦.୦୦ଙ୍କା |
| ଅର୍ଦ୍ଧକୁଶଳୀ | - | ଟ. ୨୨୦.୦୦ଙ୍କା |
| କୁଶଳୀ | - | ଟ. ୨୪୦.୦୦ଙ୍କା |
| ଉଚ୍ଚ କୁଶଳୀ | - | ଟ. ୨୬୦.୦୦ଙ୍କା |

ନଥିନଂ- XXI-DLR- 7/2015 ଟିପ୍ପଣୀ ପୃଷ୍ଠା- ୪୩ ରୁ ୪୫ ଓ ପତ୍ରାଳାପ ପୃଷ୍ଠା- ୧୪୬ ରୁ ୧୫୦ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). ତା ୨୨.୧୧.୨୦୧୪ ରିଖରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ OUIDF (Odisha Urban Infrastructure Development Fund) ର ସଂପାଦନ ହୋଇଥିବା ସମୀକ୍ଷା ବୈଠକରେ ଭୁବନେଶ୍ୱର ମହାନଗର ନିଗମ ପାଇଁ "Water Body Reclanation Project" ଅନୁମୋଦନ ହୋଇଥିଲା । ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ, ରାଜ୍ୟ ସରକାରଙ୍କ OUIDF ୪୫ ଶତକଡ଼ା ଋଣ ଆକାରରେ,୪୫ ଶତକଡ଼ା ଅନୁଦାନ ଓ ୧୦ ଶତକଡା ଭୁବନେଶ୍ୱର ମହାନଗର ନିଗମ ବହନ କରିବେ ।

ଏହି ପ୍ରକଳ୍ପ ପାଇଁ ଭୁବନେଶ୍ୱର ମହାନଗର ନିଗମର ୬୭ ଜଳାଶୟରୁ ପ୍ରଥମ ପର୍ଯ୍ୟାୟରେ ୨୦ ଗୋଟି ଜଳାଶୟ ଗୁଡ଼ିକର ଚିଠା ଏଥି ସହିତ ସଲଗ୍ନ କରାଗଲା । ଏହି ପ୍ରକଳ୍ପ ଅନୁମୋଦନ ପାଇଁ କର୍ପୋରେସନଙ୍କ ବିଚାର:-
ନଥି ନଂ XI- Div-II-136/2014 ଟିପ୍ପଣୀ ପୃଷ୍ଠା ୭ ରୁ ୮ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୩). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ସର୍ବଶେଷରେ ଉପସ୍ଥିତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୨.୨୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା- ଅନନ୍ତ ନାରାୟଣ ଜେନା
ସଭାପତି
ତା ୨୯.୫.୨୦୧୫ ରିଖ

Annexure of Corporation resolution No. 2(3) dt 29.5.2015

# GUIDELINES FOR TEMPORARY RELOCATION OF SLUM DWELLERS

Whereas, a number of infrastructure projects are being taken up by various Government Departments and Agencies in Bhubaneswar Municipal Corporation (BMC) area for development of the city. Many a times, these projects get delayed due to some encroachments which exist on the land required for the project purpose. This results in time-overrun and cost escalation in the project. As per the policy of Govt., detailed survey of slum dwellers was taken up under Rajiv Awas Yojana (RAY) scheme guidelines and same was duly approved by BMC after verification and social auditing by community. If eviction is required to be taken up before rehabilitation of such families, then efforts should also be made to make suitable arrangements for temporary relocation.

In this regard, Section-497 of OMC Act, 2003 authorizes Corporation to draw up comprehensive resettlement and relocation guidelines for urban dwellers. The relocation and resettlement of dwellers residing in untenable sites shall be implemented strictly in accordance with such guidelines. Therefore in exercise of the power conferred on BMC under Section-497 (2) of OMC Act, BMC prescribes following guidelines for temporary relocation of informal settlements.

1. Identification of Temporary Relocation Site: Suitable Land is to be identified for relocation in consultation with the community. The Government shall provide land for such temporary relocation. The layout on the provided site is to be prepared as per the norms drawn for this purpose.

2. Physical Infrastructure: Following provisions on new relocation site shall be made:
   i. Murom Road with Drainage facility;
   ii. Provision of Safe Drinking Water Supply;
   iii. Street Light(s);
   iv. Community Toilet(s);
   v. Provision of Solid Waste Management.

3. Social Infrastructure: Following arrangements for provisions of social welfare services shall be made:
   i. Aganawadi Centre: Sub-Collector shall ensure that new site is tagged with nearest Aganawadi Centre. Concerned ICDS Supervisor will be the Nodal Officer for coordinating the same.
   ii. Education Facility: District Education Officer (DEO) will ensure that new site is tagged with nearby School(s) for providing educational facilities. Concerned Block Education Officer (BEO) will be the Nodal Officer for coordination.
   iii. Healthcare Facility: Additional District Medical Officer (Medical) will ensure that new site is to be tagged with nearby health care facility available. Local Auxiliary Nursing Midwifery (ANM) will be the Nodal Officer for this purpose.

4. Social Welfare Programme: Records for distribution of pensions and other benefits will be changed as per the ward no. of the new site. Deputy Commissioner-in-charge of BMC will ensure the same. Local Community Organizer will be the Nodal Officer for the purpose.

5. Emergency Support during Transit Period:
   i. Food: It will be provided to the relocated slum dwellers for at least 10 days to enable them to settle in the new site. If necessary, Local Non Government Organizations (NGOs) may be identified for the purpose and the same shall be ensured by BMC.
   ii. Temporary Shelter: Polythene / Sheets as temporary shelter are to be given to the relocated slum dwellers for immediate shifting to the temporary transit shelter site which shall be coordinated and ensured by BMC.
   iii. Transportation Assistance: Assistance will be provided by BMC for transportation of materials for shifting to the temporary transit shelter site.
   iv. Emergency Health Care Support: Regular Health Camp is to be organized for at least one month in the relocated site by Additional District Medical Officer (Public Health).

6. Shelter Support: The beneficiaries will be entitled to stay in Shelter Houses to be built and run by BMC. Government in H & UD Department may extend necessary financial support for this purpose. A plan & estimate for one shelter house is given in Annexure- I & II respectively. General Administrative Department may make provisions for same.

7. The cost towards eviction and rehabilitation shall be borne by the requisitioning authority / department / agency. They are to include the rehabilitation package cost as a component in their total project cost. If same cannot be done then Government shall provide the required assistance. The final rehabilitation cost will be as per RAY guidelines.

8. This support will be available to those families enlisted in RAY Survey only, which is duly approved by the Corporation.

9. Deputy Commissioner BMC in-charge of Slum Improvement Officer will be the Nodal Officer for implementation of this policy guideline.

10. BMC may make additional intervention for successful relocation of informal settlements.

Annexure corporation resolution No2(3) dt 29.5.15

# CONSTRUCTION OF TRANSIT SHELTER AT NILADRI VIHAR, BHUBANESWAR

## COST ESTIMATE

CIVIL

| | | | |
|---|---|---|---|
| CIVIL | DWELLING UNITS (300 NOS) | 16414500.00 | |
| | COMMUNITY CENTRE & ANGANWARI CENTRE | 250254.00 | |
| | MOORUM ROAD | 270248.00 | |
| | | **16935002.00** | A |

PH

| | | | |
|---|---|---|---|
| PH | TOILET BLOCKS (CIVIL WORK) | 1437120.00 | |
| | WATER SUPPLY & SANITARY INSTALLATION | 1140000.00 | |
| | BOREWELL WITH PUMP & MOTOR | 420000.00 | |
| | SEPTIC TANK & SEWERAGE SYSTEM | 640000.00 | |
| | | **3637120.00** | B |

EI

| | | | |
|---|---|---|---|
| EI | INTERNAL WIRING | 1100000.00 | |
| | 250KVA SUB-STATION | 450000.00 | |
| | 11 KV LINE FOR 1.00 KM | 700000.00 | |
| | LTOH LINE | 400000.00 | |
| | ONE POINT SUPPLY CESU DEPOSIT | 200000.00 | |
| | | **2850000.00** | C |

| | |
|---|---|
| **TOTAL (A+B+C)[FOR 300 DUs]** | **23422122.00** |
| **COST FOR SINGLE DWELLING UNIT** | 78074.00 |

CITY ENGINEER
BHUBANESWAR MUNICIPAL CORPORATION

Annexure of compensation resolution No 2(3) dt 29.5.2015 ANNEXURE-2

# Rehabilitation Package for Evicted Slum Dwellers

(per Household as per RAY Survey List)

**Stage-I: Transit Arrangements:**

A. Emergency Support during Transit Period per Household

1. Food
   a. Cooked Meals @ Rs. 50/- per day for a family of five for ten days = Rs. 2,500/-
   b. Dry Food (Chatua, Biscuit, Chuda etc) & Drinking Water = Rs. 500/-
2. Temporary Shelter: Polythene / Tarpaulin Sheet (2 Pc. Per Household) = Rs. 1,200/-
3. Transportation Assistance per Household = Rs. 1,500/-
4. Others:
   a. Mosquito Net (1 Pc.) = Rs. 400/-
   b. Lantan (1 Pc.) = Rs. 200/-
   c. Hygiene Kit (Bucket, Soap etc.) = Rs. 300/-

Sub-total (A) = Rs. 6,600/-

B. Rental Assistance @ Rs. 2,500/- per Household for 24 months = Rs. 60,000/-

Sub-total (B) = Rs. 60,000/-

**Total Cost of Stage-I=Rs. 66,600/-**

**Stage-II:** Final Rehabilitation Plan Cost @ Rs. 6 lakhs per House - 20% Beneficiary Contribution @ Rs. 1,20,000/- = Rs. 4,80,000/-

**Total Cost of Stage-II=Rs. 4,80,000/-***

* This is to be mobilized from Government of India and State Government Subsidies. Further it is proposed that atleast Rs. 2,40,000/- should be fixed as contribution from the agency requisitioning the eviction . It was further decided that this will be placed before Government for final decision.